visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.165 Bhubaneswar Saturday, August 14, 2021 | ୨୪ତମ ବର୍ଷ ସଂଖ୍ୟା–୧୬୫ ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୪, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




ଦିଲ୍ଲୀର ରେଡ଼୍ ଦୁର୍ଗଠାରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଫୁଲ୍ ଡ୍ରେସ୍ ରିହର୍ସାଲ ସମୟରେ ରାଜ୍ୟ ପ୍ରତିରକ୍ଷା ଓ ପର୍ଯ୍ୟଟନ ମନ୍ତ୍ରୀ ଅଜୟ ଭଟ୍ଟ ଏନସିସି କ୍ୟାଡ଼େଟ୍‌ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି

# ପଂଚାୟତ ନିର୍ବାଚନରେ ପଛୁଆବର୍ଗଙ୍କୁ ୨୭% ଆସନ ଦେବ ବିଜେଡି

ଭୁବନେଶ୍ୱର, ୧୩।୮(ପି.ଏନ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପଂଚାୟତିରାଜ ସଂସ୍ଥାର ଆଗାମୀ ତ୍ରିସ୍ତରୀୟ ନିର୍ବାଚନରେ ପଛୁଆ ବର୍ଗଙ୍କ ପାଇଁ ଅତି କମ୍‌ରେ ୨୭% ଦଳୀୟ ପ୍ରାର୍ଥୀ ଘୋଷଣା କରିବାକୁ ଦଳ ନିଷ୍ପତ୍ତି ନେଇଛି। ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଡକ୍ଟର ଅରୁଣ କୁମାର ସାହୁ ଏହି ସୂଚନା ଦେଇଛନ୍ତି। ଦଳର ଦୁଇ ବରିଷ୍ଠ ନେତା କହିଛନ୍ତି ଯେ କେବଳ ପଂଚାୟତ ନିର୍ବାଚନ ନୁହେଁ ପରବର୍ତ୍ତୀ ନିର୍ବାଚନରେ ମଧ୍ୟ ବିଜେଡି ୨୭% ପଛୁଆବର୍ଗ ପ୍ରାର୍ଥୀ ଦେବ। ଅଦାଲତ କଟକଣା, କେନ୍ଦ୍ରୀୟ ଆଇନ୍ ନଥିବାରୁ ଏଭଳି ରାଜନୈତିକ ନିଷ୍ପତ୍ତି ନିଆଯାଇଛି। ଅନ୍ୟ ଦଳଗୁଡିକ ମଧ୍ୟ ଏପରି ଘୋଷଣା ପାଇଁ ବିଜେଡି କହିବା ସହିତ ବିଧାନସଭା ଓ ଲୋକସଭାରେ ୩୩% ମହିଳାଙ୍କୁ ପ୍ରାର୍ଥୀ କରିବାକୁ ଆହ୍ୱାନ ଦେଇଛି। ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଅନ୍ୟାନ୍ୟ ପଛୁଆ ବର୍ଗ ତଥା ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗଙ୍କ ସଠିକ୍ ପରିସଂଖ୍ୟାନ ଅଭାବରୁ ସର୍ବୋଚ୍ଚ ନ୍ୟାୟାଳୟ ସଂରକ୍ଷଣ ସୀମାକୁ ୫୦% ମଧ୍ୟରେ ସିମୀତ ରଖିବା ପାଇଁ ବାଧ କରୁଛନ୍ତି। ତେଣୁ ପଛୁଆବର୍ଗଙ୍କର ସଂଖ୍ୟାର ସଠିକ୍ ଆକଳନ ପାଇଁ ଜାତିଭିତ୍ତିକ ଜନଗଣନା କରାଗଲେ ତାହାକୁ ଭିତ୍ତିକରି ୫୦%ରୁ ଅଧିକ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ନ୍ୟାୟାଳୟମାନେ କୌଣସି ଅଙ୍କୁଶ ଲଗାଇ ପାରିବେ ନାହିଁ। ସଂରକ୍ଷଣ ସୀମା ୫୦% ସିମୀତ ଥିବା ଏବଂ ଆମ ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ପ୍ରାୟ ୩୯% ଥିବାରୁ ପଛୁଆବର୍ଗଙ୍କୁ ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ମିଳୁଛି। ରାଜ୍ୟ ସରକାରଙ୍କ ପଛୁଆବର୍ଗ ଆଇନ୍ ୨୦୦୮ରେ ସାମାଜିକ ଏବଂ ଶିକ୍ଷାଗତ ଅନଗ୍ରସର ବର୍ଗ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା ରହିଛି। କିନ୍ତୁ, ବିଭିନ୍ନ ନ୍ୟାୟାଳୟର ଆଦେଶ ଦୃଷ୍ଟିରୁ ଉକ୍ତ ୨୭% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁ ନାହିଁ।ରାଷ୍ଟ୍ରପତିଙ୍କ ଦ୍ୱାରା ଘୋଷିତ ଓବିସି ତାଲିକା ଅନୁସାରେ ସରକାରୀ କିରୀ ଓ ଅନ୍ୟାନ୍ୟ କ୍ଷେତ୍ରରେ ସଂରକ୍ଷଣ ପାଇଁ ବ୍ୟବସ୍ଥା ରହିଛି। ରାଜ୍ୟଗୁଡିକ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ତାଲିକା ପ୍ରସ୍ତୁତି କରୁଥିଲେ ଏବଂ ଏବେ ମଧ୍ୟ କରିପାରିବେ। କେନ୍ଦ୍ରର ଓବିସି ତାଲିକା ଅନୁସାରେ ଅନ୍ୟାନ୍ୟ ପଛୁଆ ବର୍ଗର ପ୍ରାର୍ଥିମାନେ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ସରକାରୀ ଚାକିରୀ ଏବଂ ଶିକ୍ଷାନୁଷ୍ଠାନମାନଙ୍କରେ ନାମ ଲେଖାଇବାକୁ ସଂରକ୍ଷଣର ସୁବିଧା ପାଉଛନ୍ତି। ସେହିପରି ରାଜ୍ୟର ପଛୁଆବର୍ଗ ତାଲିକା ଅନୁସାରେ ସାମାଜିକ ଏବଂ ଶିକ୍ଷାଗତ ପଛୁଆ ବର୍ଗର ପ୍ରାର୍ଥୀମାନେ ରାଜ୍ୟ ସରକାରଙ୍କ ଅଧିନରେ ଥିବା ସରକାରୀ ଚାକିରୀରେ ସଂରକ୍ଷଣର ସୁବିଧା ପାଉଛନ୍ତି। ଏ ପର୍ଯ୍ୟନ୍ତ ରାଜ୍ୟର ୨୦୯ ଜାତି ଓ ଉପଜାତି ପଛୁଆବର୍ଗ ତାଲିକାରେ ଅନ୍ତର୍ଭୁକ୍ତ ହୋଇଛନ୍ତି।ଅନ୍ୟ ପକ୍ଷରେ ରାଜ୍ୟ ସରକାର କୌଣସି ଜାତିକୁ ଓବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଜାତୀୟ ପଛୁଆବର୍ଗ କମିଶନଙ୍କୁ ତଥ୍ୟ ସହିତ ଉପଯୁକ୍ତ ଦାବି ଉପସ୍ଥାପନ କରିବାକୁ ପଡିଥାଏ। ଯଦି ତାହା କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ହୁଏ ତେବେ ସେହି ଜାତି ଓବିସି ତାଲିକାଭୁକ୍ତ ହୁଏ। ୧୧.୦୮.୨୦୧୮ ପୂର୍ବରୁ ଆମ ରାଜ୍ୟରେ ୨୦୦ଟି ଜାତି ଏବଂ ଉପଜାତି ଓବିସି ତାଲିକା ଅନ୍ତର୍ଭୁକ୍ତ ହୋଇଛି। ପୂର୍ବଭଳି ରାଜ୍ୟଗୁଡିକ ପଛୁଆବର୍ଗ ତାଲିକା ପ୍ରସ୍ତୁତ ପାଇଁ ସମ୍ବିଧାନ ସଂଶୋଧନରେ ବ୍ୟବସ୍ଥା ଥିବାରୁ ଲୋକସଭାରେ କୌଣସି ବିରୋଧି ଦଳ ଏହାକୁ ବିରୋଧ କରିନାହାନ୍ତି। ହେଲେ ସଂରକ୍ଷଣରେ ଥିବା ୫୦% ସୀମାକୁ ଉଠାଇବାକୁ ସମସ୍ତ ବିରୋଧି ଦଳ କେନ୍ଦ୍ର ସରକାରଙ୍କ ପାଖରେ ପ୍ରସ୍ତାବ ରଖିଛନ୍ତି।ସମ୍ବିଧାନର ୧୦୨ତମ ସଂଶୋଧନ ମାଧ୍ୟମରେ ସମ୍ବିଧାନର ଅନୁଚ୍ଛେଦ ୩୩୮ ଇ ପରେ ୩୩୮ ଇ ଏବଂ ଅନୁଚ୍ଛେଦ ୩୪୨ ପରେ ୩୪୨ ଇ (ଏହି ଦୁଇଟି ଅନୁଚ୍ଛେଦ) ସଂଯୋଗ କରାଯାଇଛି। ତତ୍‌ପରେ ସମ୍ବିଧାନର ୧୨୭ତମ ସଂଶୋଧନ ମାଧ୍ୟମରେ ଉପରୋକ୍ତ ଦୁଇଟି ଅନୁଚ୍ଛେଦରେ କେତେକ ପରିବର୍ତ୍ତନ କରାଯିବା ସଂଗେ ସଂଗେ ଅନୁଚ୍ଛେଦ ୩୬୬ରେ ମଧ୍ୟ ସାମାନ୍ୟ ପରିବର୍ତ୍ତନ କରି ପଛୁଆବର୍ଗର ସଂଜ୍ଞା ଉଲ୍ଲେଖ କରାଯାଇଛି। ଯଦି ସମ୍ବିଧାନର ୧୨୭ତମ ସାମ୍ବିଧାନିକ ସଂଶୋଧନ କାର୍ଯ୍ୟକାରୀ ହୁଏ ତେବେ ୧୧.୦୮.୨୦୧୮ (୧୦୨ତମ ସାମ୍ବିଧାନିକ ସଂଶୋଧନ) ପୂର୍ବରୁ ଏବଂ ୦୨.୦୪.୧୯୯୩ (ଜାତୀୟ ପଛୁଆ ବର୍ଗ କମିଶନ-ଆଇନ୍) ପରେ ଯେପରି ରାଜ୍ୟଗୁଡିକ ସାମାଜିକ ଏବଂ ଶିକ୍ଷାଗତ ପଛୁଆବର୍ଗ ତାଲିକା ପ୍ରସ୍ତୁତି କରୁଥିଲେ ସେହିପରି କରିପାରିବେ ବୋଲି ଶ୍ରୀ ସ୍ୱାଇଁ ଓ ଡକ୍ଟର ସାହୁ କହିଛନ୍ତି।

## ନବମ ଓ ଦଶମ ଶ୍ରେଣୀରେ ସେମିଷ୍ଟର ଢାଂଚାର ମୂଲ୍ୟାୟନ ପଦ୍ଧତି ଛାତ୍ରଛାତ୍ରୀଙ୍କ ପୂର୍ଣ୍ଣାଙ୍ଗ ଜ୍ଞାନ ଆହରଣରେ ପ୍ରତିବନ୍ଧକ ହେବ:ଏ.ଆଇ.ଡି.ଏସ୍.ଓ.

ଭୁବନେଶ୍ୱର, ୧୩।୮(ପି.ଏନ): ଚଳିତ ଶିକ୍ଷାବର୍ଷ ଠାରୁ ରାଜ୍ୟର ନବମ ଓ ଦଶମ ଶ୍ରେଣୀରେ ସେମିଷ୍ଟର ବ୍ୟବସ୍ଥା ପ୍ରଚଳନ କରାଯାଇ ଛାତ୍ରଛାତ୍ରୀଙ୍କର ମୂଲ୍ୟାୟନ କରିବା ପାଇଁ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକଟି ଶ୍ରେଣୀରେ ବର୍ଷକୁ ୪ଟି ଆଭ୍ୟନ୍ତରୀଣ ମୂଲ୍ୟାୟନ ଓ ୨ଟି ଟର୍ମ ପରୀକ୍ଷା ମୋଟ ୬ଟି ପରୀକ୍ଷା ପରିଚାଳନା କରାଯିବ। ପରିଷଦର ଏହି ନିଷ୍ପତ୍ତିକୁ ଦୃଢ଼ ବିରୋଧକରି ଏ.ଆଇ.ଡି.ଏସ୍.ଓ.ର ଓଡିଶା ରାଜ୍ୟ କମିଟିର ସଭାପତି ଗଣେଷ ତ୍ରିପାଠୀ ଓ ସମ୍ପାଦକ ସୁବାସ ନାୟକ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ, ଏହି ସେମିଷ୍ଟର ଢ଼ାଂଚାର ମୂଲ୍ୟାୟନ ପଦ୍ଧତି ଦ୍ୱାରା ଛାତ୍ରଛାତ୍ରୀମାନେ ଖଣ୍ଡ ବିଖଣ୍ଡିତ ଭାବେ ଜ୍ଞାନ ଆହରଣ କରିବେ। ଯଦ୍ୱାରା କି କୌଣସି ଏକ ବିଷୟ ଉପରେ ସେମାନଙ୍କର ପୂର୍ଣ୍ଣାଙ୍ଗ ଜ୍ଞାନ ଆହରଣ ବାଧାପ୍ରାପ୍ତ ହେବ। ଫଳରେ ଚିନ୍ତା କରିବାର କ୍ଷମତାରେ ମଧ୍ୟ ବିକାଶ ସଠିକଭାବେ ହୋଇପାରିବନାହିଁ। ଅନ୍ୟପଟେ ବର୍ଷସାରା ପରୀକ୍ଷା ଯୋଗୁଁ ଛାତ୍ରଛାତ୍ରୀମାନେ ନିଜର ପାଠ୍ୟପୁସ୍ତକ ବ୍ୟତୀତ ସମାଜର ବିଭିନ୍ନ କ୍ଷେତ୍ରରେ ନିତ୍ୟନୂତନ ପରିବର୍ତ୍ତନ ବିଷୟରେ ଚର୍ଚ୍ଚା କରିବାର ସୁଯୋଗ ପାଇବେ ନାହିଁ। ଏହାଛଡା ସେମାନଙ୍କ ମଧ୍ୟରେ ଥିବା ବିଭିନ୍ନ ସୃଜନଶୀଳତାର ପରିପ୍ରକାଶ ଓ ବିକାଶର ପ୍ରକ୍ରିୟାଟି ମଧ୍ୟ ପ୍ରଚଣ୍ଡଭାବେ ବାଧାପ୍ରାପ୍ତ ହେବ। ଏହି ମୂଲ୍ୟାୟନ ପଦ୍ଧତି ଲାଗୁ କରାଯାଇ ଛାତ୍ରଛାତ୍ରୀଙ୍କ ଠାରୁ ପରୀକ୍ଷା ଫିସ୍ ମଧ୍ୟ ବାରମ୍ବାର ଆଦାୟ କରାଯାଇ ସେମାନଙ୍କୁ ଆର୍ଥିକ ଭାବେ ଶୋଷଣ କରାଯିବ।

## ରାଜ୍ୟ ପରିଷଦ ଅଧିବେଶନର ନିଷ୍ପତ୍ତି : ସେପ୍ଟେମ୍ବରରେ ସିପିଆଇର ରାଜ୍ୟବ୍ୟାପୀ ଆନ୍ଦୋଳନ

ଭୁବନେଶ୍ୱର, ୧୩।୮(ପି.ଏନ): ବିଭିନ୍ନ ଜନ କଲ୍ୟାଣ ଯୋଜନାରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ବିରୋଧରେ ଏବଂ ସ୍ଥାନୀୟ ଜନସମସ୍ୟାକୁ ନେଇ ଆସନ୍ତା ସେପ୍ଟେମ୍ବର ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବ୍ଲକ ଓ ପଂଚାୟତ ସ୍ତରରେ ସିପିଆଇ ବିକ୍ଷୋଭ ଓ ଧାରଣାମାନ ସଂଗଠିତ କରିବ। ଗତକାଲି ଓ ଆଜି ଦୁଇଦିନ ଧରି ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ରମଣୀରଞ୍ଜନ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ଓ ପରିଷଦ ବୈଠକରେ ଏହି ନିଷ୍ପତି ନିଆଯାଇଛି। ଏହା ପୂର୍ବରୁ ଜନ ଆନ୍ଦୋଳନର ପ୍ରସ୍ତୁତି ପାଇଁ ସେପ୍ଟେମ୍ବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ପାର୍ଟି ଆଂଚଳିକ (ଜୋନ) କମିଟିର ଜେନେରାଲବଡ଼ିମାନ ଅନୁଷ୍ଠିତ ହେବ।ବୈଠକର ପ୍ରାରମ୍ଭରେ ଅଲମ୍ପିକ୍ସରେ ଭାରତର ହୃତ ଗୌରବକୁ ଫେରାଇ ଆଣିଥିବା ଭାରତୀୟ ପୁରୁଷ ଓ ମହିଳା ହକି ଦଳ ଓ ସେଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ୪ଜଣ ଓଡ଼ିଆ ଖେଳାଳିଙ୍କ ସମେତ ସମସ୍ତ ପଦକ ବିଜେତା ଓ ଖେଳାଳିଙ୍କୁ ଅଭିନନ୍ଦନ ଜଣାଯାଇଥିଲା।

## ଗୋଟିଏ ଦିନରେ ୧୧୯୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୩।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୧୯୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୨୩୭୫କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୭୪୭୫୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୧୦୮୦୯ ରହିଛି। ଆଜି ଚିହ୍ନଟ ହୋଇଥିବା ୧୧୯୩ ଜଣଙ୍କ ମଧ୍ୟରୁ ୬୯୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୯୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୨୫ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬୯ ଜଣ, ବରଗଡ଼ରୁ ୧୦ ଜଣ, ଭଦ୍ରକରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।ସେହିପରି ବଲାଙ୍ଗୀରରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୧୬୧, ଦେବଗଡ ଜିଲ୍ଲାରୁ ୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୩୧ ଜଣ, ଗଜପତି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଞ୍ଜାମର ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୫୬ ଜଣ, ଯାଜପୁରରୁ ୫୦ ଜଣ, ଝାରସୁଗୁଡ଼ାରୁ ୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡିରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି। କନ୍ଧମାଳ ଜିଲ୍ଲାରୁ ୪ ଜଣ. କେନ୍ଦ୍ରାପଡ଼ାରୁ ୨୯ ଜଣ, କେନ୍ଦୁଝରରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।ଖୋର୍ଦ୍ଧାରୁ ୪୨୫ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୪, ମାଲକାନଗିରି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୨୨ ଜଣ, ନବରଙ୍ଗପୁରରୁ ୨, ନୟାଗଡ଼ରୁ ୩୯ ଜଣ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀରୁ ୩୪ ଜଣ, ରାୟଗଡ଼ାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୧ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସୁନ୍ଦରଗଡ଼ରୁ ୧୦ ଜଣ ଓ ଷ୍ଟେଟ୍ ପୁଲରୁ ୯୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଆଜି ରାଜ୍ୟରେ ୧୨୪୩ କରୋନା ଆକ୍ରାନ୍ତ ସୁସ୍ଥ ହେଲେ

ଭୁବନେଶ୍ୱର, ୧୩।୮(ପି.ଏନ): ଆଜି ରାଜ୍ୟରେ ୧୨୪୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାସହିତ ରାଜ୍ୟରେ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୯,୭୫,୯୯୯ରେ ପହଂଚିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି।ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ସର୍ବାଧିକ ଖୋର୍ଦ୍ଧା ଜିଲ୍ଲାରୁ ୪୧୦, କଟକ ଜିଲ୍ଲାରୁ ୧୪୭ଜଣ ସୁସ୍ଥ ହୋଇଛନ୍ତି। ସେହିପରି ଯାଜପୁର ଜିଲ୍ଲାରୁ ୮୬, ବାଲେଶ୍ୱରରୁ ୭୦, ଜଗତସିଂହପୁରରୁ ୬୨, ପୁରୀରୁ ୫୫, ନୟାଗଡ଼ରୁ ୫୪, ଭଦ୍ରକ ଜିଲ୍ଲାରୁ ୪୭ ଜଣ ସୁସ୍ଥ ହୋଇଛନ୍ତି। ସେହିପରି ମୟୂରଭଞ୍ଜରୁ ୪୧, ଅନୁଗୁଳରୁ ୩୩, କେନ୍ଦ୍ରାପଡ଼ାରୁ ୩୨, ସମ୍ବଲପୁରରୁ ୧୯, ରାୟଗଡ଼ାରୁ ୧୮, କେନ୍ଦୁଝରରୁ ୧୭, ସୁନ୍ଦରଗଡ଼ରୁ ୧୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି କୋରାପୁଟରୁ ୯, ଢେଙ୍କାନାଳରୁ ୭, କନ୍ଧମାଳରୁ ୫, ବୌଦ, ଗଜପତି, ଗଞ୍ଜାମ, କଳାହାଣ୍ଡି, ନବରଙ୍ଗପୁର ଏବଂ ନୂଆପଡ଼ା ଜିଲ୍ଲାରୁ ୧ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ଝାରସୁଗୁଡ଼ା, ମାଲକାନଗିରି, ସୋନପୁରରୁ ୨ଜଣ ଲେଖାଏଁ, ଦେଓଗଡ଼ ଜିଲ୍ଲାରୁ ଜଣେ ଏବଂ ଷ୍ଟେଟ୍‌ପୁଲ୍‌ରୁ ୮୪ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ବୋଲି ଡିପାର୍ଟମେଂଟ ପକ୍ଷରୁ ସୂଚନା ମିଳିଛି।

## ଜଗତସିଂହପୁରରେ ୨୧୫ କୋଟି ଟଙ୍କା ପ୍ରକଳ୍ପ ମୁଖ୍ୟମନ୍ତ୍ରୀ କଲେ ଶୁଭାରମ୍ଭ

ଭୁବନେଶ୍ୱର, ୧୩।୮(ପି.ଏନ): ଜଗତସିଂହପୁର ହେଉଛି ଓଡିଶାର ବିକାଶର ମୁଖ୍ୟ ଦ୍ୱାର। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଜଗତସିଂହପୁର ଜିଲ୍ଲାରେ ୨୧୫ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବା ଅବସରରେ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଗତସିଂହପୁର ଜିଲ୍ଲା ଓଡିଶାର ଏକ ଆଗୁଆ ଜିଲ୍ଲା। ଶିଳ୍ପ, କୃଷି ସବୁଥିରେ ଜଗତସିଂହପୁର ଜିଲ୍ଲାର ସୁନାମ ରହିଛି। ଜଗତସିଂହପୁର ଜିଲ୍ଲାରୁ ହିଁ ବିଜୁ ବାବୁ ଓଡିଶାର ବିକାଶ ଯାତ୍ରାର ଆରମ୍ଭ କରିଥିଲେ। ପାରାଦୀପ ବନ୍ଦର ଆଜି ଦେଶର ମୁଖ୍ୟ ବନ୍ଦର ମାନଙ୍କ ମଧ୍ୟରେ ସ୍ଥାନ ପାଇଛି। ଶିଳ୍ପ ନଗରୀ ଭାବରେ ମଧ୍ୟ ପାରାଦୀପର ଗୁରୁତ୍ୱ ବଢିଛି। ମୁଖ୍ୟମନ୍ତ୍ରୀ କହିଲେ ଯେ ଆଜିର ପ୍ରକଳ୍ପରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଯୋଗାଯୋଗ, ଜଳସେଚନ, ଆଦି ବିଭିନ୍ନ କ୍ଷେତ୍ରର ବିକାଶ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁ ଅଂଚଳର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଥିଲେ। କରୋନା ମହାମାରୀ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ମହାମାରୀ ଯୋଗୁ ଗତ ଏକ ବର୍ଷରୁ ଅଧିକ ସମୟ ଧରି ଆମେ ସମସ୍ତେ ପ୍ରଭାବିତ ହୋଇଛେ। ବହୁ ଲୋକଙ୍କ ରୋଜଗାର ଉପରେ ପ୍ରଭାବ ପଡିଛି। ତେଣୁ ରାଜ୍ୟ ସରକାର ଗରିବ ଲୋକ, ଚାଷୀ, ଶ୍ରମିକ, ମା ସମସ୍ତଙ୍କ ପାଇଁ ୨୦୦୦ କୋଟିରୁ ଅଧିକ ଟଙ୍କାର ସହାୟତା ଯୋଗାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାଧାରଣ ଲୋକର ଖୁସି ମୋ ପାଇଁ ସବୁଠାରୁ ବଡ ସନ୍ତୋଷ। ଲୋକଙ୍କ ପାଇଁ ଆମେ କାମ କରୁଛୁ ଓ କରିଚାଲିବୁ। ସେ କୃଷକ ମାନଙ୍କ କଲ୍ୟାଣ ହେଉ ବା ମା ମାନଙ୍କ ସଶକ୍ତିକରଣ ବା କ୍ରୀଡା ପ୍ରତିଭାର ବିକାଶ – ଏ ସବୁ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଓଡିଶା ପାଇଁ ଏକ ନୂଆ ପରିଚୟ ସୃଷ୍ଟି କରିବା। ଅନେକ କ୍ଷେତ୍ରରେ ଓଡିଶା ଆଜି ଅନ୍ୟ ମାନଙ୍କ ପାଇଁ ଆଦର୍ଶ ହୋଇପାରିଛି। ଏହି ଧାରାକୁ ଆମେ ସମସ୍ତେ ମିଶି ଆଗକୁ ନେବା ଓ ଓଡିଶାର ଗୌରବକୁ ନୂତନ ଶିଖରରେ ପହଂଚାଇବା ପାଇଁ ସେ ଆହ୍ୱାନ ଦେଇଥିଲେ।କାର୍ଯ୍ୟକ୍ରମରେ ଯୋଗ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ଦାଶ ଓ ଜଳସମ୍ପଦ ବିକାଶ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଜଗତସିଂହପୁରର ବିଭିନ୍ନ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଯୋଗୁଁ ଆଜି ଓଡିଶା ମହିଳା ସଶକ୍ତିକରଣଠାରୁ ଆରମ୍ଭ କରି କ୍ରୀଡାର ବିକାଶ ପର୍ଯ୍ୟନ୍ତ ଏବଂ ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମ କ୍ଷେତ୍ରରେ ସାରା ଦେଶ ପାଇଁ ଆଦର୍ଶ ହୋଇପାରିଛି ବୋଲି ସେମାନେ କହିଥିଲେ।ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ଶ୍ରୀ ବିଜୟ ଶଙ୍କର ଦାସ, ପାରାଦୀପ ବିଧାୟକ ଶ୍ରୀ ସମ୍ବିତ ରାଉତରାୟ ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖି ଓଡିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ।




ଆଲୁମିନିୟମ ଏବଂ ବିଦ୍ୟୁତ ଶକ୍ତି | ଦସ୍ତା-ସୀସା-ରୁପା | ତୈଳ ଏବଂ ଗ୍ୟାସ | ତମ୍ବା | ଲୁହା ପଥର ଏବଂ ଇସ୍ପାତ
ଶୂନ୍ୟ କ୍ଷତି, ଶୂନ୍ୟ ବର୍ଜ୍ୟବସ୍ତୁ ଏବଂ ଶୂନ୍ୟ ନିର୍ଗମନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ










# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୁଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ

ଆମେରିକାର ପେଙ୍ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।



## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।



## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି । ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି । ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କି ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଦ୍ଧ୍ବଂ ସଂ ବଦଦ୍ଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୧, ଅଗଷ୍ଟ ୧୪**

# ଓବିସି ସଂରକ୍ଷଣ - ବିରଳ ଏକତା

ରାଜନୈତିକ ଦଳମାନଙ୍କ ପାଇଁ ସଂରକ୍ଷଣ ଏବେ କାମଧେନୁ ବହୁ ଚର୍ଚ୍ଚିତ ପେଗାସସ୍ ଗୋଇନ୍ଦାଗିରି, ଚାଷୀ ଆନ୍ଦୋଳନ ଏବଂ ଦରଦାମ ବୃଦ୍ଧି ପ୍ରସଙ୍ଗକୁ କେନ୍ଦ୍ର କରି ଅଚଳ ହୋଇପଡିଥିବା ପାର୍ଲିଆମେଂଟର ମୌସୁମୀ ଅଧିବେଶନରେ ୧୨୭ତମ ସମ୍ବିଧାନ ସଂଶୋଧନ ବିଲ୍ ତଥା ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ସଂରକ୍ଷଣ ବିଧାୟକଙ୍କୁ ଅନୁମୋଦିତ କରିବା ପାଇଁ ଉଭୟ ଲୋକସଭା ଓ ରାଜ୍ୟସଭାରେ ଶାସକ ଓ ବିରୋଧି ଦଳ ମଧ୍ୟରେ ଯେପରି ସହମତି, ଐକ୍ୟବଦ୍ଧ ପ୍ରକାଶ ପାଇଛି। ତାହା ସାଂପ୍ରତିକ ସମୟରେ ଏକ ବିରଳ ଘଟଣା। ଭାରତୀୟ ରାଜନୀତିରେ 'ସଂରକ୍ଷଣ'କୁ ସମସ୍ତ ରାଜନୈତିକ ପବିତ୍ର ଗୋମାତା କାମଧେନୁ ଭାବେ ଗ୍ରହଣ କରିଥିବା ଶାସକ ଓବିରୋଧି ଦଳ ମଧରେ ବିରଳ ସହମତି ପ୍ରମାଣିତ କରୁଛି ବୋଲି କହିଲେ ହୁଏତ ଅତିରଂଜିତ ହେବନାହିଁ। ପେଗାସସ୍, ଚାଷୀ ଆନ୍ଦୋଳନ, ଦରଦାମ ବୃଦ୍ଧିକୁ ନେଇ ବିରୋଧି ଦଳର କ୍ରମାଗତ ହଟ୍ଟଗୋଳ ଯୋଗୁଁ ସମୁଦାୟ ମୌସୁମୀ ଅଧିବେଶନ ଅଚଳ ହୋଇପଡିଥିବା ବେଳେ ଓବିସି ସଂରକ୍ଷଣ ବିଲକୁ କୌଣସି ଜଣେ ହେଲେ ସଦସ୍ୟ ବିରୋଧ ନକରିବା ପଛୁଆ ବର୍ଗ ଶକ୍ତି ସଂକେତ ପ୍ରଦାନ କରୁଛି। କହିବା ବାହୁଲ୍ୟ ଯେ, ଭାରତରେ ୬୦ ପ୍ରତିଶତରୁ ଅଧିକ ପଛୁଆବର୍ଗ। ବିଭିନ୍ନ ଓବିସି କଲନା ହେଉଛନ୍ତି ଅନ୍ୟାନ୍ୟ ବର୍ଗ ତଥା ଜାତି ନେଇ କରାଯାଇଛି। ଓବିସି ବର୍ଗର ସମର୍ଥନ ପାଇଁ ରାଜନୈତିକ ଦଳ ଦେଶର ସମସ୍ତ ବ୍ୟାକୁଳ ହେବ ସ୍ୱାଭାବିକ। ଏହି ନ୍ୟାୟରେ ଦେଶର କୌଣସି ରାଜନୈତିକ ଦଳ ଓବିସି ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଲକୁ ବିରୋଧ କରିନାହାଁନ୍ତି କିମ୍ବା ସାହାସ ଜୁଟାଇ ପାରି ନାହାଁନ୍ତି । ଲୋକସଭାରେ ବିଲ୍ ଉପରେ ଦୀର୍ଘ ପାଂଚ ଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି ଆଲୋଚନା ଚାଲିଥିବା ବେଳେ ସମସ୍ତ ଦଳ ବିଲ୍ ପ୍ରତି ସମର୍ଥନ ଜଣାଇଥିଲେ। କେବଳ ଏତିକି ନୁହେଁ ଆଲୋଚନା ପରେ ବିଲ୍ ସପକ୍ଷରେ ଗୃହରେ ଉପସ୍ଥିତ ଥିବା ସମସ୍ତ ୩୮୫ ସଦସ୍ୟ ଭୋଟ ଦେଇଥିବାବେଳେ ବିଲ୍ ବରୁଦ୍ଧରେ ଗୋଟିଏ ହେଲେ ଭୋଟ ପଡିନଥିଲା। ସେହିପରି ମୌସୁମୀ ଅଧିବେଶନରେ ଅନ୍ତିମ ଦିବସରେ ରାଜ୍ୟ ସଭାରେ ମଧ ବିଲଟି ସର୍ବସମତି କ୍ରମେ ଅନୁମୋଦିତ ହୋଇଛି। ସମ୍ବିଧାନର ନିର୍ଦ୍ଦେଶ ଅନୁଯାୟୀ ସମ୍ବିଧାନ ସଂଶୋଧନ ବିଲ୍ ପାର୍ଲିଆମେଂଟର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନରେ ଅନୁମୋଦିତ ହେବା ବ୍ୟବସ୍ଥା ଥିବାବେଳେ ସର୍ବସମ୍ମତି କ୍ରମେ ବିଲ୍ ଗୃହିତ ହେବା ନିଶ୍ଚିତ ଭାବେ ଏକ ବିରଳ ଘଟଣା। ୧୨୭ତମ ସମ୍ବିଧାନ ସଂଶୋଧନ ତଥା ଓବିସି ସଂରକ୍ଷଣ ବିଲରେ ଥିବା ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାର ମାନଙ୍କୁ ଅନ୍ୟନ୍ୟ ପଛୁଆ ବର୍ଗ(ଓବିସି)ର ତାଲିକା ପ୍ରସ୍ତୁତ କରିବା ଏବଂ ଓବିସି ଚୟନ କରିବା କ୍ଷମତା ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୮ ମସିହା ପୂର୍ବରୁ ରାଜ୍ୟମାନଙ୍କ ହାତରେ ଏହି କ୍ଷମତା ଥିଲା। ମାତ୍ର ୧୦୨ତମ ସମ୍ବିଧାନ ସଂଶୋଧନ ଏହି କ୍ଷମତାକୁ ରାଜ୍ୟମାନଙ୍କ ହାତରୁ କାଢି ନିଆ ଯାଇଥିଲା ଏବଂ କେନ୍ଦ୍ର ସରକାର କ୍ଷମତା ନିଜ ହାତକୁ ନେଇଥିଲେ। ନିକଟରେ ସର୍ବୋଚ୍ଚ ଅଦାଲତ ମରାଠି ସଂପ୍ରଦାୟକୁ ଓବିସି ତାଲିକା ଭୁକ୍ତ କରି ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ମହାରାଷ୍ଟ୍ର ସରକାର ୧୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ଦାୟର ଏକ ପିଟିସନର ଶୁଣାଣୀ କରିବା ଅବସରରେ ଓବିସି ତାଲିକା ପ୍ରସ୍ତୁତ କରିବା ବା ଚୟନ କରିବା କ୍ଷମତା ରାଜ୍ୟ ସରକାରଙ୍କର ନାହିଁ ବୋଲି ଗୁରୁତ୍ୱପୂର୍ଣ୍ଣ ଦେଇଥିଲେ। ଅନ୍ୟପକ୍ଷରେ ବିଭିନ୍ନ ରାଜ୍ୟ ତଥା ମହାରାଷ୍ଟ୍ରର ମାରାଠି, ଗୁଜୁରାଟର ପଟିଦାର, ରାଜସ୍ଥାନର ଜାଥେଦାର, ହରିଆନାର ଜାଠ, କର୍ଣ୍ଣାଟକର ଲିଙ୍ଗାୟତ ଆଦି ସଂପ୍ରଦାୟ ରାଜ୍ୟ ରାଜନୀତିରେ ଅତ୍ୟନ୍ତ ପ୍ରଭାବଶାଳୀ ଥିବା ବେଳେ ସଂରକ୍ଷଣ ପାଇଁ ଦାବି କରିଆସୁଛନ୍ତି। ଏହାକୁ ଦୃଷ୍ଟି ରଖି କେନ୍ଦ୍ର ସରକାର ୧୨୭ତମ ସମ୍ବିଧାନ ସଂଶୋଧନ ଦ୍ୱାରା ରାଜ୍ୟମାନଙ୍କୁ ପୂର୍ବ କ୍ଷମତା ଫେରାଇ ଦେବାକୁ ଯାଉଛନ୍ତି। ଆହୁରି ମଧ ଆଲୋଚନା ଅବସରରେ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଥିବା ସର୍ବୋଚ୍ଚ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକା କରିବା ପାଇଁ ଦମଳତ ନିର୍ବିଶେଷରେ ଦୃଢ ଦାବି କରିଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ରାଜନୈତିକ ଦଳଗୁଡିକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଛନ୍ତି। ଏହା ସତ୍ୟ ଯେ, ଆମ ଦେଶରେ ନିର୍ବାଚନ ବୈତରଣୀ ପାର ହେବା ଲାଗି ନିଜସ୍ୱ ଭୋଟ ବ୍ୟାଙ୍କ ଗଠନ ଲାଗି ସଂରକ୍ଷଣ ରାଜନୀତି ଏବେ ରାଜନୈତିକ ଦଳମାନଙ୍କର ମୁଖ୍ୟ ଆୟୁଦ୍ଧ ହୋଇଛି ବୋଲି କହିଲେ ଭୁଲ୍ ହୋଇନପାରେ। ଓବିସିଙ୍କ ପାଇଁ ଦେଶରେ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଥିବା ବେଳେ ସୁପ୍ରମିକୋର୍ଟ ସଂରକ୍ଷଣ ସୀମାରେଖା ବହୁ ରାଜ୍ୟରେ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଆମ ରାଜ୍ୟରେ ୨୭% ସଂରକ୍ଷଣକୁ ହାଇକୋର୍ଟ ରଦ୍ଦ କରିଦେବା ପରେ ରାଜ୍ୟରେ ଏବେ ଓବିସିଙ୍କ ପାଇଁ ମାତ୍ର ୧୨% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଉଲ୍ଲେଖକରାଯାଇପାରେ ଯେ, ଅତୀତରେ ମଣ୍ଡଳ କମିଶନ ଦେଶରେ ସୃଷ୍ଟି ହୋଇଥିବା ରାଜନୈତିକ ଝଡ ବୋଧହୁଏ କାହାରିକୁ ମଣ୍ଡଳ କମିଶନଙ୍କ ସୁପାରିଶକୁ ଗ୍ରହଣ କରି ଓବିସିଙ୍କ ପାଇଁ ନିଯୁକ୍ତି ଓ ଶିକ୍ଷାକ୍ଷେତ୍ରରେ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ କରି ଭିପି ସିଂହଙ୍କ ସରକାରର ପତନ ଘଟିଥିବା ବେଳେ ଏବେ ଓବିସି ସଂରକ୍ଷଣ ସମସ୍ତ ରାଜନୈତିକ ଦଳ ପାଇଁ ପୂଜ୍ୟ କାମଧେନୁରେ ପରିଣତ ହୋଇଛି। କିନ୍ତୁ ଏହା ନିଶ୍ଚିତ ଯେ, ଓବିସି ସଂରକ୍ଷଣର ସମ୍ବିଧାନିକ ସଂଶୋଧନ ଆବଶ୍ୟକତା ଥିଲା।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

*ପାଠକୀୟ ମତାମତ ଓ ପରାମର୍ଶ ସ୍ୱପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ବିପ୍ଳବର ବୟସ

ପଚସ୍ତରୀ ବୟସ ତାତି ପାରୁଛି ପଚିଶ୍ ବର୍ଷ ମାତିପାରୁନି ? ସବୁ ବିପଦରୁ ବିପ୍ଳବ। ବିବାଦ ଭିତରୁ ବିପ୍ଳବ । ବିପ୍ଳବରୁ ଏଇ ଧରାରେ ମହାମହା ରଥୀ ମହାରଥୀଙ୍କର ଆବିର୍ଭାବ । ଇତିହାସର ସେମାନେ ସ୍ୱର୍ଣ୍ଣାକ୍ଷରରେ ବର୍ଣ୍ଣିତ। ଆମେ ସବୁ ଯୁଗଯୁଗ ଧରି ହେଉଛେ ଉତ୍ସାହିତ । ଗାଉଛେ ବିପ୍ଳବର ଜୟଗାନ । ବିପ୍ଳବ ଦୀର୍ଘାୟୁ ହେଉ ।

ଏଇ ଭାରତରେ ଦଳଭିତ୍ତିକ ରାଜନୀତି ଦେଶ ପାଇଁ ଅମଙ୍ଗଳ ହୋଇ ପଡିଛି । ଏବେ ବ୍ୟକ୍ତିତ୍ୱଭିତ୍ତିକ ରାଜନୀତିର ଆବାହନ। ଗାନ୍ଧୀ, ଜୟପ୍ରକାଶ, ଆନ୍ନା ଏମାନେ ବ୍ୟକ୍ତି କୌଣସି ଦଳ ଏମାନଙ୍କୁ ବାନ୍ଧି ରଖିପାରିନି। ବରଂ ଦଳ, ସଂଗଠନମାନେ ଏମାନଙ୍କୁ ଢାଲ କରି ନିଜନିଜର 'ଇଦା ହାସଲ କରିଛନ୍ତି ଏବେ ମଧ୍ୟ କରୁଛନ୍ତି। ଜୟପ୍ରକାଶ, ଆନ୍ନା ଜୀବନର ଶେଷପର୍ଯ୍ୟାୟ ୭୫ ବର୍ଷରେ ମଇଦାନକୁ ଓହ୍ଲାଇ ସମଗ୍ରଦେଶକୁ ଥରହର କରିଦେଲେ। ଏକମାତ୍ର ବ୍ୟତିକ୍ରମ ଗାନ୍ଧୀ, ନେତାଜୀ । ଏ ଦୁଇଜଣ ଯୌବନାବସ୍ଥାରେ ବିପ୍ଳବକୁ ଡେଇଁଥିଲେ । ଏମାନଙ୍କ ବ୍ୟତୀତ ବହୁ ବାମପନ୍ଥୀ, ମଧ୍ୟମପନ୍ଥୀ, ଦକ୍ଷିଣପନ୍ଥୀ ଯୌବନରେ ବିପଦ, ବିବାଦ, ବିପ୍ଳବ ଭିତରକୁ ଲମ୍ଫ ଦେଇଥିଲେ। କିନ୍ତୁ ଆଜିର ଯୁବ ସମାଜ ଶୁପ୍ତ ହେବେ କାହିଁକି ? ଏମାନଙ୍କୁ ଶୁପ୍ତ କରୁଛି କିଏ ? ଏମାନେ କେବେ ଜାଗିବେ, ମାତିବେ, ତାତିବେ, ବିପ୍ଳବର ଅଗ୍ନିକୁ ପ୍ରଜ୍ୱଳିତ କରିବେ ?

ସ୍ୱାଧୀନତା ବିପ୍ଳବବେଳେ ଶତ୍ରୁଥିଲା ଗୋଟିଏ । ବ୍ରିଟିଶ୍ ସାମ୍ରାଜ୍ୟବାଦୀ। ଭାରତର ସବୁଲୋକ, ଦଳ, ସଂଗଠନ, ଯେଝା ଯେଝା ଉପାୟରେ ବ୍ରିଟିଶ୍ ବିରୋଧରେ ସ୍ୱାଧୀନତା ଆନ୍ଦୋଳନ ଚଳାଇଥିଲେ। ଲକ୍ଷ୍ୟ ଥିଲା ସ୍ୱାଧୀନତା। କିନ୍ତୁ ୧୯୪୭ ଅଗଷ୍ଟ ୧୫ରେ ସ୍ୱାଧୀନତା ଆପୋଷରେ ମିଳିଗଲା ପରେ ଏଇ ୭୫ ବର୍ଷ ଭିତରେ ଦେଶକୁ ବିଦେଶୀ ଓ ଦେଶୀ ଶତ୍ରୁଙ୍କ ସଂଖ୍ୟା ହଜାରଗୁଣରେ ବୃଦ୍ଧି ପାଇଛି। ଚିହ୍ନିତ ଶତ୍ରୁଙ୍କୁ ସେ ଯେତେ ବଳୀୟାନ ହେଉ ନା କାହିଁକି ମୁକାବିଲା କରିବା ସହଜ କିନ୍ତୁ ଛଦ୍ମବେଶୀ ମିତ୍ରରୂପୀ ଶତ୍ରୁ ଦେଶଦ୍ରୋହୀମାନଙ୍କୁ ଚିହ୍ନଟ କରି ମୁକାବିଲା କରିବା ଅତ୍ୟନ୍ତ କଷ୍ଟକର ।ଅଗଷ୍ଟ ୧୫... ମଶାଲ ଲିଭିଯିବା ପରେ ଘଂଟାର କଂଟା ପାଖରେ କିନ୍ତୁ ଅଂଟା ନୁଆଁଇ ଦେଇଛି ମୁକ୍ତିର ମିନିଟ୍। ଘଂଟାକଂଟାର ଘାଏଲ ହୋଇଛି ସ୍ୱପ୍ନର ସେକେଣ୍ଡ୍ ।ସବୁ ବିପ୍ଳବରେ, ସବୁ ବିବାଦରେ, ସବୁ ଦଳ ଓ ସଂଗଠନରେ ଦୁଇଟି ଧାରାରେ ଲୋକ ଅଛନ୍ତି। ଦଳେ ପ୍ରଗତିଶୀଳ ଆଉ ଦଳେ ପ୍ରତିକ୍ରିୟାଶୀଳ। ଏମାନଙ୍କ ଅର୍ନ୍ତଦ୍ୱନ୍ଦ ବିପ୍ଳବକୁ ମନ୍ଥର କରିଦିଏ, ବେଳେବେଳେ ବିପ୍ଳବ ବିପର୍ଯ୍ୟୟର ସମ୍ମୁଖୀନ ହୁଏ, ବହୁ ସମୟ ବରବାଦ ହୁଏ। ଇତିହାସ କିନ୍ତୁ ନିଷ୍ଠୁର। ସେ କାହାକୁ ଛାଡେନା । ସତ୍ୟକୁ ଯେଉଁଭଳି ଉଜ୍ଜ୍ୱଳମୟ କରେ ମିଥ୍ୟାକୁ ସେଇଭଳି କଳଙ୍କମୟ, କର୍ଦ୍ଦମାକ୍ତ କରି ଲିପିବଦ୍ଧ କରେ। ସ୍ୱାଧୀନତା ଆନ୍ଦୋଳନ ବେଳେ ଦୁଇଟି ଧାରା ଥିଲା – ରାଜନୈତିକ ନେତୃତ୍ୱ ହେଲା ଦୁଇଭାଗ । ଆପୋଷକାମୀ-ଆପୋଷହୀନ । ନରମପନ୍ଥୀ-ଚରମପନ୍ଥୀ । ପ୍ରଥମ ଧାରା ହେଲା - ଆପୋଷରେ - ଅହିଂସାରେ – ସଂସ୍କାରପଥରେ – ଆବେଦନ ନିବେଦନ କରି ଦରକଷାକଷି କରି - ଦରଖାସ୍ତ ଦେଇ ସ୍ୱାଧୀନତା ଅର୍ଜନ । ଅନ୍ୟଟି ହେଲା – ଭିକ୍ଷାମାଗି ସ୍ୱାଧୀନତା ଅର୍ଜନ କରାଯାଏନା - ଆବେଦନ ନିବେଦନ ଆପୋଷ ରାସ୍ତାରେ ବାଟ ଚାଲି ପରାଧୀନତାର ବନ୍ଧନ ଛିନ୍ନ କରାଯାଏନା । ସଶସ୍ତ୍ର ସଂଗ୍ରାମ – ରକ୍ତାକ୍ତ ବିପ୍ଳବ ପଥରେ ସ୍ୱାଧୀନତା ଅର୍ଜନ । ନରମପନ୍ଥୀ ଗାନ୍ଧିଜୀ ଚରମପନ୍ଥୀ ସୁଭାଷଙ୍କ ମ୍ନରେ ମତପାର୍ଥକ୍ୟ - ଦ୍ୱନ୍ଦ୍ୱ – ସଂଘାତ ତୀବ୍ରରୂପ ଧାରଣ କଲା।

ସ୍ୱାଧୀନତା ସଂଗ୍ରାମର ଏହି କଳଙ୍କମୟ



**ମାୟାଧର ନାୟକ**

ଆ୍ନୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା। ଅକ୍ଷଶକ୍ତି ଜର୍ମାନୀ, ଇଟାଲୀ, ଜାପାନ ବିରୋଧରେ ମିତ୍ରଶକ୍ତି ସୋଭିଏତ୍ ରୁଷ, ବ୍ରିଟେନ୍, ଆମେରିକା ମ୍ନରେ। ନେତାଜୀ ଏହି ଅପୂର୍ବ ସୁଯୋଗକୁ ହାତଛଡା ନ କରିବାପାଇଁ ବ୍ରିଟିଶ୍ ସାମ୍ରାଜ୍ୟବାଦୀଙ୍କୁ ଆଘାତ ଦେବା - ପୂର୍ଣ୍ଣ ସ୍ୱାଧୀନତା ପାଇଁ ଦୁର୍ବାର ଗଣ ଅଭ୍ୟୁତ୍ଥାନ ଗଢି ତୋଳିବାକୁ ଆହ୍ୱାନ ଦେଲେ । ଚଲୋ ଦିଲ୍ଲୀ। ଦିଲ୍ଲୀମାନେ ଭୂଗୋଳ ନୁହେଁ – ଇଚ୍ଛିହାସ। ଭାରତୀୟ ସଂସ୍କୃତିର ସନ୍ତକ। ଦିଲ୍ଲୀ ଦଖଲ ଅର୍ଥ ସ୍ୱାଧୀନତା। ସେହି ଉଦ୍ଦାମ ବଜ୍ରକଠିନ କଣ୍ଠସ୍ୱର ବ୍ରିଟିଶ୍ ସାମ୍ରାଜ୍ୟବାଦୀଙ୍କୁ ଆତଙ୍କିତ କରିଦେଲା । ଇତିହାସର ଚରମ ବିଡମ୍ବନା ! ସ୍ୱାଧୀନତା ଆନ୍ଦୋଳନର ଚାବିକାଠି ଦେଶର ପୁଞ୍ଜିପତି ଟାଟା-ବିରଳା ପ୍ରମୁଖଙ୍କ ହାତରେ ରହିଲା । ସାମ୍ରାଜ୍ୟବାଦୀ ବ୍ରିଟିଶ୍ ଖୁସି ହେଲ। ବିରଳା ଘରେ ଗାନ୍ଧିଜୀ ରହି ସ୍ୱାଧୀନତା ପରିଚାଳନା କଲେ । ସେତେବେଳେ ଓଡିଶାରୁ ଉତ୍କଳମଣି ଗୋପବନ୍ଧୁ ଦାଶ, ବଙ୍ଗଳାରୁ ଦେଶବନ୍ଧୁ ଚିତରଞ୍ଜନ ଦାସ, ପଞ୍ଜାବ କେଶରୀ ଲାଲା ଲଜପତରାୟ ପ୍ରସ୍ତାବ ଦେଲେ – ସ୍ୱାଧୀନତା ଆନ୍ଦୋଳନକୁ ପରିଚାଳନା କରିବା ପାଇଁ ଭାରତର ଘରୁ ଘରୁ ଟଙ୍କାଏ ଲେଖା ଚାନ୍ଦା ଆଦାୟ ହେଉ । ଉଦ୍ଦେଶ୍ୟ ଯେଉଁମାନେ ସ୍ୱାଧୀନତାର ସ୍ୱାଦୁ ଚାଖିବେ ସେମାନଙ୍କର ସାହାଯ୍ୟ ସହଯୋଗ ଆବଶ୍ୟକ। କିନ୍ତୁ ଗାନ୍ଧୀଙ୍କ ଅନୁଗତମାନେ ପ୍ରତ୍ୟକ୍ଷ ଭାବେ ପ୍ରସ୍ତାବକୁ ବିରୋଧ କଲେ। ଟାଟା-ବିରଳାଙ୍କ ଟଙ୍କାରେ କଂଗ୍ରେସ ନେତୃତ୍ୱ ସଂଗଠନ ଆନ୍ଦୋଳନ ଚାଲିଲା । ଆଜି ସ୍ୱାଧୀନତାର ସ୍ୱାଦୁ ସେହି ପୁଞ୍ଜିପତିମାନେ ଚାଖୁଛନ୍ତି – ଭାରତର କୋଟି କୋଟି ଲୋକ ବେକାରୀ - ଅର୍ଦ୍ଧାହାର - ଅନାହାରରେ ସଢୁଛନ୍ତି ।କେତେ କ'ଣ ସ୍ୱପ୍ନ ଥିଲା ଭାରତବାସୀଙ୍କର । ସ୍ୱାଧୀନତା ମିଳିବ – ରାମରାଜ୍ୟ ପ୍ରତିଷ୍ଠା ହେବ। ସମସ୍ତେ ଖାଦ୍ୟ, ବସ୍ତ୍ର, ବାସଗୃହ ଶିକ୍ଷା ସ୍ୱାସ୍ଥ୍ୟର ସମାନ ସୁଯୋଗ ପାଇବେ। କିନ୍ତୁ ବିଦେଶୀ ପୁଞ୍ଜିପତିଙ୍କ ଗୋଲାମର ଜଞ୍ଜିର ଛିଡାଇ ଆମେ ସିନା ସ୍ୱାଧୀନତା ପାଇଲେ ଏଣେ ଦେଶୀ ପୁଞ୍ଜିପତିଙ୍କ ଜାଲିଆତି ଜାଲରେ ପଡି ଛଟପଟ ହେଉଛେ । ଖାସ ସେଇଥିପାଇଁ ଜନନାୟକ ଜୟ ପ୍ରକାଶ ନାରାୟଣ ସଂପୂର୍ଣ୍ଣ ବିପ୍ଳବର ଡାକରା ଦେଲେ। ଶାସକଦଳ ଏକ ଘରକିଆ ହେଲେ ସବୁ ବାଁ ଡାହାଣ ଦଳ ଜୟପ୍ରକାଶଙ୍କ ପଛରେ ଠିଆ ହେଲେ । ଶାସନ ବଦଳିଲା କିନ୍ତୁ ଶୋଷଣ ଦ୍ୱିଗୁଣିତ ହେଲ। ଛ' ଦଳରୁ ବାରଦଳ ହେଲେ।

ସ୍ୱାଧୀନତାର ବର୍ଷକ ପରେ ମହାତ୍ମାଗାନ୍ଧୀଙ୍କୁ ଗୁଳି କରାଗଲା। ନେତାଜୀଙ୍କ ଖୋଜଖବର ଏବେବି ମିଳିଲାନି। ଠିକ୍ ସେଇଭଳି ଶାସନ ବଦଳାଇଥିବା ମହାପୁରୁଷ ଜୟପ୍ରକାଶ ନାରାୟଣ ମ୍ନ ରହିଲେ ନାହିଁ। ପୁଣି ଚାଲିଲା ଶୋଷଣ, କଷଣ, ଦୁର୍ନୀତି, ଅନୀତି, ବ୍ୟଭିଚାର, ଅତ୍ୟାଚାର, ଦମନ । ଜନଗଣ ଅସ୍ତବ୍ୟସ୍ତ । ସବୁଯୁଗରେ ଯୁବସମାଜ ହିଁ ବିପ୍ଳବର କାଣ୍ଡାରୀ । ଆଜି ସେଇ କାଣ୍ଡାରୀ ସମାଜକୁ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଓ ଦଳମାନେ ବୋଲକରା କରିଦେଉଛନ୍ତି ଯାହା'ଙ୍କରେ ବିପ୍ଳବର ଦେଖାଦେଇଛି ଅର୍ନ୍ତଦ୍ୱନ୍ଦ । ସବୁ ବାଦ-ବିବାଦ, ଅର୍ନ୍ତଦ୍ୱନ୍ଦକୁ ପଛରେ ପକାଇ ପରିବର୍ତନ ବିପ୍ଳବର ଆଜି ଜନଗଣଙ୍କୁ ପାନିପଥକୁ ଓହ୍ଲାଇ ଆସିବାର ବେଳ ପହଂଚିଯାଇଛି । ପାନିପଥ - ମେହନତି ମଣିଷର ମୁହାଁମୁହିଁ ମଇଦାନ୍ ଇଏ। ସଂକଟ-ସଂକୁଳ । ପ୍ରତିଟି ମୋଡରେ ମୃତ୍ୟୁର ମୁଚାଲିକା... ପଦେପଦେ ବିପଦର ବିଭୀଷିକା ... ବାରୁଦର ବିସ୍ଫୋରଣ... ଗୋଳୀର ଗର୍ଜନ... ବହ୍ନିମାନ ବିପ୍ଳବର ଆତନ୍ଦ୍ର ଆହ୍ୱାନ । ସଂଗ୍ରାମର ଶାଣିତ ସଂକଳ୍ପବିନା ଏଠି ପଥଯାତ୍ରୀ ହେବା ଅସମ୍ଭବ।

ନିର୍ଝରିଣୀର ନୀଳ ନୂପୁର ବାଜେନା ଏ ପଥରେ... ଶୁଭେନା ମଳୟର ମଦିର ମୂର୍ଚ୍ଛନା । ପ୍ରଳୟର ପ୍ରଳାପ, ଝଂଜାର ଝଣତକାର, ବତାସର ବିକ୍ଷୋଭରେ ନିତ୍ୟ ମୁଖରିତ ଏ ପାନିପଥ। ଏଠି ଶୁଣାଯାଏ ଅଗ୍ନିର ଓଁକାର... ଅଙ୍ଗୀକାରର ଇସ୍ତାହାର । ଘାଟୀରୁ ମାଟିକୁ ମୁହାଁଉଥିବା ମୁକ୍ତିକାମୀ ମଣିଷର ମାର୍ଗ ଇଏ। ମଣିଷର ମୁକ୍ତିପାଇଁ ଏଠି ରକ୍ତ ଚିତା ଘେନିବାକୁ ପଡେ ତାରୁଣ୍ୟକୁ। ପଚମାନ ସମାଜବ୍ୟବସ୍ଥାର ଧୂସର ଦୁର୍ଗକୁ ଧୂଳିସାତ୍ କରିବାପାଇଁ ଯୌବନକୁ ଏଠି ତୋଳିବାକୁ ପଡେ କ୍ରୋଧିତ କ୍ରାନ୍ତିର ସ୍ପର୍ଦ୍ଧିତ ପାଶୁପତ !

ସବୁ ବୟସ ଭୁଲ। କେବଳ ବିପ୍ଳବର ବୟସ ଠିକ୍।

ସମୟ, ଜୁଆର, ବୟସ, ଯୌବନ କାହାକୁ ଅପେକ୍ଷା କରେନା । ଆମ ସମସ୍ତଙ୍କୁ ସମୟ ସଂଗରେ ଦୌଡିବାକୁ ହେବ। ହେ ଭଙ୍ଗା ହାଣ୍ଡିର ଭାରତବର୍ଷ ! ସତରେ କ'ଣ ସରିଯାଇଛି ସବୁ ସଂକଳ୍ପ ? ସବୁ ସଂଘର୍ଷ ? ବାକି ଅଛି ଆଜି ବି ନେତାର ନକ୍ସା ଆରପଟେ ଜୀବନସଂଗ୍ରାମର ସ୍ୱାଧୀନତା ପାଇଁ ଜନତାର ଜୟଯାତ୍ରା।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ଏଜେଣ୍ଡାବାଦୀ ସାମ୍ବାଦିକତା

ଦେଶରେ ଏବେ ଦିନକୁଦିନ ସାମ୍ବାଦିକତାର ଗୁଣବତ୍ତା ହ୍ରାସ ପାଉଥିବାବେଳେ ସଂସ୍ଥାରେ କାର୍ଯ୍ୟରତ ସାମ୍ବାଦିକମାନେ ସାମ୍ବାଦିକତାର ଦର୍ଶନକୁ ଛାଡି ଅଧିକରୁ ଅଧିକ ରାଜନୀତି କରିବାରେ ବ୍ୟସ୍ତ, ପେସାଦାରୀ ନାମରେ କେତେକ ଜାଲିଆତି କରିବାରେ ତତ୍ପର। ଆତ୍ମପ୍ରତିଷ୍ଠା ପାଇଁ ହେଉ କିମ୍ବା ଜୋର ଗାତ୍ରଦାହ ଯୋଗୁ ହେଉ କୌଣସି ଏକ ନିର୍ଦ୍ଦିଷ୍ଟ ଏଜେଣ୍ଡାଧରି ଜନସାଧାରଣଙ୍କୁ ସେଥିରେ ବିଶ୍ୱାସ କରିବା ପାଇଁ ଯେମିତି ଏମାନେ ଏବେ ବାଧ କରୁଛନ୍ତି ତାହା ଅତୀତରେ ଏତେ ଅଧିକ ଦେଖାଯାଉନଥିଲା । ହଁ ଏମିତିବି ହୋଇପାରେ ଯେ ଏମାନେ ବର୍ଷ ବର୍ଷ ଧରି କ୍ଷମତାର ଚତୁଃପାର୍ଶ୍ୱରେ ଗଣେଶ ପରିକ୍ରମା କରିଚାଲୁଥିଲେ ଏବଂ ଗଣମାଧ୍ୟମରେ ଯାହାସବୁ ଲେଖୁଥିଲେ ତାକୁ ସାଧାରଣ ଲୋକେ ଆଦୌ ସନ୍ଦେହ ନକରି ସତ ବୋଲି ଧରିନେଉଥିଲେ । ବର୍ତ୍ତମାନପରି ଏତେସବୁ ବିକଳ୍ପ ସମ୍ବାଦ ପ୍ରସାର ସୁବିଧା ଅତୀତରେ ନଥିବାରୁ କ୍ଷମତାଧାରୀଙ୍କ ନିକଟସ୍ଥ ଲୋକେ ନିଜ ସଂସ୍ଥା ଏବଂ ନିଜର ସ୍ୱାର୍ଥରେ କାର୍ଯ୍ୟକରିବାକୁ ଯାଇ ସମାଜ ଓ ଦେଶର କ୍ଷତିସାଧନ କରୁଥିଲେ ମଧ ଲୋକମାନେ ସେସବୁକୁ ଧରିପାରୁନଥିଲେ । ଏବେ ଲୋକମାନଙ୍କ ଶିକ୍ଷାର ସ୍ତର, ଅଧ୍ୟୟନରେ ଗଭୀରତା, ଚିନ୍ତନରେ ନିଷ୍ଠାପରତା ବୃଦ୍ଧି ପାଇଥିବା ଯୋଗୁ ଯେ କୌଣସି ଖବରକୁ ସେମାନେ ଆଖିବୁଜି ଗ୍ରହଣ କରୁନାହାନ୍ତି ବରଂ ଅଯଥା ସମ୍ବାଦକୁ ଏଜେଣ୍ଡାବାଦୀ କହି ସମାଲୋଚନା କରୁଛନ୍ତି।

ଏକଥା ସତ ଯେ ଇତିହାସର ବାରମ୍ବାର ପୁନରାବୃତ୍ତି ଘଟୁଥାଏ। ସମାଜରେ ଚରଣ ପଟ୍ଟନାୟକଙ୍କ ପରି ଲୋକେ ବାରମ୍ବାର ସବୁ ଯୁଗରେ ଜନ୍ମ ନେଉଥାନ୍ତି । ରାଣା ପ୍ରତାପଙ୍କ ବିରୋଧରେ ମାନସିଂହ, ଶିବାଜୀଙ୍କ ବିରୋଧରେ ରାଜା ଜୟସିଂହ, ଲଚ୍ଛିତ ବଡଫୁକନଙ୍କ ବିରୋଧରେ ରାମସିଂହ,ଗୋକୁଲା ଜାଟଙ୍କ ବିରୋଧରେ ବ୍ରହ୍ମଦେବ ସିସୋଦିୟା କାର୍ଯ୍ୟକରି ଶତ୍ରୁଗୋଷ୍ଠୀରେ ସାମିଲ ହୋଇଥିଲେ ଏବଂ ସମାଜ ଓ ଦେଶର ଯଥେଷ୍ଟ ଅଧିକ କ୍ଷତିର କାରଣ ହୋଇଥିଲେ । ଏବେ ସେମିତି ଅନେକ ବ୍ୟକ୍ତି ସାମ୍ବାଦିକତାର ଆଢୁଆଳରେ ନିଜର ବ୍ୟକ୍ତିଗତ କଣ୍ଡୁମାରଣରେ ବ୍ୟସ୍ତ ରହିଛନ୍ତି । ଉଦାହରଣ ସ୍ୱରୂପ ଅଲିମ୍ପିକ ଖେଳାଳିମାନେ ଦେଶପାଇଁ ଗୌରବ ଆଣିଥିବା ବେଳେ ଗଣମାଧ୍ୟମର ଲୋକେ ଯେପରି ଲଜ୍ଜାହୀନ ମନ୍ତବ୍ୟ ଦେଉଛନ୍ତି ତାହା ସେମାନଙ୍କ ଏଜେଣ୍ଡାବାଦୀ ସାମ୍ବାଦିକତାର ସ୍ତରକୁ ଦର୍ଶାଉଛି । ଯେମିତି ସଫଳ ଖେଳାଳିମାନଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା କିଛି ସାମ୍ବାଦିକଙ୍କ ଗାତ୍ରଦାହକୁ ଖୁବ ବଢାଇ ଦେଇଛି । ଇଣ୍ଡିଆ ଟିଭିର ଜଣେ ପୂର୍ବତନ ଖବରଦାତା ଅଜିତ ଅଞ୍ଜୁମଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ସୁପରସ୍ପିକର ପବ୍ଲିସିଟୀ ପରି ମନେ ହୋଇଛି । ସେମିତି ସ୍ୱାତୀ ଚତୁର୍ବେଦୀ, ଅଭିଷେକ ବକ୍ସି ଆଦି ଖେଳାଳିମାନଙ୍କ ପ୍ରଶଂସା କରାଯିବାକୁ ସହଜରେ ଗ୍ରହଣ କରିପାରିନାହାନ୍ତି । ଏହି ଏଜେଣ୍ଡାବାଦୀଙ୍କୁ ଜବରଦସ୍ତ ଉତ୍ତର ଦେଇଛନ୍ତି ପୂର୍ବତନ ଖେଳାଳୀ ଅଞ୍ଜୁ ବବି ଜର୍ଜ। ୨୦୦୪ରେ ଏଥେନ୍ସ ଅଲିମ୍ପିକରେ ଲମ୍ବାଡିଆଁ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରି ୫ମ ସ୍ଥାନରେ ରହିଥିଲେ । ୨୦୦୫ରେ ଆନ୍ତର୍ଜାତିକ ଆଥଲେଟିକ୍ସ ଫାଇନାଲରେ ସ୍ୱର୍ଣ୍ଣ ସହ ୨୦୦୨ରେ ଅର୍ଜୁନ ପୁରସ୍କାର, ୨୦୦୩ରେ ଖେଳରତ୍ନ, ୨୦୦୪ରେ ପଦ୍ମଶ୍ରୀ ଲାଭ କରିଛନ୍ତି ଏହି କ୍ରୀଡାବିତ୍। ତାଙ୍କ ସମୟରେ ଦେଶର କ୍ରୀଡାମନ୍ତ୍ରୀ କ୍ରୀଡା ଗ୍ରାମ ବୁଲିଯିବା ଛଡା ବର୍ତ୍ତମାନ ପରି ପ୍ରୋତ୍ସାହନ ଦେଉନଥିଲେ ବୋଲି ସେ କହିଛନ୍ତି । ଅଲିମ୍ପିକ ପ୍ରତିଯୋଗିତାକୁ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଯେପରି ଖେଳାଳିମାନଙ୍କ ସହ ବ୍ୟକ୍ତିଗତ ଫୋନ ଯୋଗେ କଥା ହେଉଛନ୍ତି ଏବଂ ପ୍ରଦର୍ଶନ ପରେ ଶୁଭେଚ୍ଛା ଜଣାଉଛନ୍ତି ତାହା ଖେଳାଳିମାନଙ୍କ ମନୋବଳକୁ ବଢାଇବାରେ ସହାୟକ ହେଉଛି ବୋଲି ସେ କହିଛନ୍ତି। ସେହିପରି ଶାହରୁଖ ଖାଁ ଆଉ ଏକ ସିନେମା କରିବାକୁ ଇଚ୍ଛା ପ୍ରକାଶ କରିବା ବେଳେ ଲୋକେ ଚକ୍ ଦେ ଇଣ୍ଡିଆ ପରି ରଂଜନ ନେଗୀଙ୍କ ଚରିତ୍ରକୁ କବିର ଖାଁକୁ ବଦଳାଇ ଯେପରି ଭୁଲ କରିଥିଲେ ତାହା ନ କରିବାକୁ ପରାମର୍ଶ ଦେଇଛନ୍ତି । ଗଣମାଧ୍ୟମରେ କୌଣସି ଖବରକୁ ସାଧାରଣ ପାଠକଗଣ କେତେ ନିକଟରୁ ଦେଖୁଛନ୍ତି, ପଢୁଛନ୍ତି ଓ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି ତାହା ଏହି ଘଟଣାରୁ ପ୍ରମାଣିତ। ତେଣୁ ସାମ୍ବାଦିକମାନେ ଭୁଲ କଲେ ଯେ ଲୋକେ ଛାଡିଦେବେ ତାହା ଭାବିବା ଭୁଲ ହେବ । କେରଳ ଉପକୂଳ ଦେଇ ଅତୀତରେ ବିଦେଶୀ ଶକ୍ତିମାନେ ପ୍ରବେଶ କଲାପରି କୋରୋନା ଭୂତାଣୁ ମଧ କେରଳ ଦେଇ ଭାରତକୁ ପ୍ରଥମେ ପ୍ରବେଶ କରିଥିଲା । ଗତବର୍ଷ ପ୍ରଥମ ଲହର ପରେ ଗଣମାଧ୍ୟମଗୁଡିକରେ କେରଳ ମଡେଲ ସଂକ୍ରାନ୍ତରେ ଖୁବ୍ ଚର୍ଚ୍ଚା ହେଲା। କେରଳକୁ ସବୁ ରାଜ୍ୟ ଅନୁକରଣ କରିବା ଦରକାର ବୋଲି ତର୍କ ପ୍ରଦାନ କରାଗଲା । ଦେଶର ଅନେକ ଗଣମାଧ୍ୟମରେ ଏନେଇ ବିତର୍କ ହେଲା। କିନ୍ତୁ ଏବେ ଏହି ରାଜ୍ୟ ସବୁଠୁ ବଡ ସଂକ୍ରମଣକାରୀ ରାଜ୍ୟ ହୋଇଛି। ଗତ ୧୪ ଦିନରେ (୨୪ ଜୁଲାଇ-୮ଅଗଷ୍ଟ) ଏଠାରେ ୨୮୦୯୯୫ ନୂଆ ସଂକ୍ରମିତ ବାହାରିଛନ୍ତି। ଦୈନିକ ଦେଶରେ ସଂକ୍ରମିତ ରୋଗୀଙ୍କ ମଧ୍ୟରୁ ୫୦ ପ୍ରତିଶତ କେବଳ କେରଳର । ଏହି ରାଜ୍ୟ ସର୍ବାଧିକ ଶିକ୍ଷିତ,ସର୍ବାଧିକ ଆଇଏସ ସନ୍ତ୍ରାସବାଦୀ ସୃଷ୍ଟିକାରୀ ଭଳି ଏବେ ଅଧିକ ସଂଖ୍ୟକ ରୋଗୀ ସୃଷ୍ଟି କରୁଥିଲେ ମଧ ନିଜ ପିଠିକୁ ଥାପୁଡାଇ ବହୁତ ଭଲ ସ୍ଥିତିରେ ଥିବା ଗଣମାଧ୍ୟମରେ ପ୍ରଚାର କରୁଛି। ଏଠାରେ ତର୍କରେ କୁହାଯାଉଛି ଯେ ଅନ୍ୟ ରାଜ୍ୟମାନଙ୍କଠାରୁ ରାଜ୍ୟର ସ୍ୱାସ୍ଥ୍ୟ ସେବା ଭଲଥିବା ହେତୁ ଅଧିକ କୋରୋନା ମୃତ୍ୟୁକୁ ଧରାଯାଇପାରୁଛି ଯାହା ଅନ୍ୟ ରାଜ୍ୟରେ ହୋଇପାରୁନାହିଁ । ଏହା ଗାଲୁଆଙ୍କ ବାରବାଟୀ ଚାଷ ପରି କଥା। ତେବେ ଅନ୍ୟ ରାଜ୍ୟରେ ଅଧିକ ସନ୍ତ୍ରାସବାଦୀ ସୃଷ୍ଟି ହେଉନଥିବା ସମୟରେ ଏହି ଶିକ୍ଷିତ ରାଜ୍ୟରେ କାହିଁକି ଏତେ ଆନ୍ତର୍ଜାତିକ ଇସଲାମିକ ଆତଙ୍କବାଦୀ ସୃଷ୍ଟି ହେଉଛନ୍ତି ତାହା ବିଷୟରେ କୁହାଯାଉନାହିଁ । ତେଣୁ ଗଣମାଧ୍ୟମରେ କିଛି ନିର୍ଦ୍ଦିଷ୍ଟ ଲୋକେ ଯେ ମିଛ ଖବର ଛାପି ପାଠକମାନଙ୍କୁ ଠକି ପାରିବେ ତାହା ଆଦୌ ଠିକ୍ ନୁହେଁ।

**ସୌମେନ୍ଦ୍ର ଜେନା**

ଏବେ ସେମିତି ଦେଖାଯାଉ କୋରୋନା କାଳରେ ଅକ୍ସିଜେନ ଅଭାବକୁ କେନ୍ଦ୍ର କରି ପ୍ରକାଶିତ ଖବରସବୁକୁ। ୨୩ ଏପ୍ରିଲ ୨୦୨୧ରେ ବିବିସି ପ୍ରକାଶ କଲା ଯେ ଭାରତରେ ଅକ୍ସିଜେନ ମିଳୁନାହିଁ। ଦିଲ୍ଲୀ ସରକାରଙ୍କ ଦାବିକୁ ସବୁ ଗଣମାଧ୍ୟମ ସତ ବୋଲି ଧରିନେଲେ ଏବଂ ଦେଶରେ ହାହାକାର ପଡିବା ପରିସ୍ଥିତି ସୃଷ୍ଟି ହେଲା । ଯାହା ଫଳରେ କୋର୍ଟ ଏଥିରେ ହସ୍ତକ୍ଷେପ କରି ଆବଶ୍ୟକଠାରୁ ଅଧିକ ଅକ୍ସିଜେନ ଦିଲ୍ଲୀକୁ ଦେବା ଦରକାର ବୋଲି ନିର୍ଦ୍ଦେଶ ଦେବା କାରଣରୁ ଅନ୍ୟାନ୍ୟ ୧୧ଟି ରାଜ୍ୟର କୋଟାରୁ କଟାଯାଇ କେବଳ ଦିଲ୍ଲୀକୁ ଅଧିକ ଅକ୍ସିଜେନ ଯୋଗାଣ ଜାରିରହିଲା । ଏହି ମାମଲାରେ ଗଣମାଧ୍ୟମର ଭୂମିକା ସନ୍ଦେହ ସୃଷ୍ଟି କରିଥିଲା ଯାହା ପରେ ପ୍ରମାଣିତ ହେଲା । ଦିଲ୍ଲୀ ସରକାରଠାରୁ ପ୍ରଚୁର ବିଜ୍ଞାପନ ପାଉଥିବା ଗଣମାଧ୍ୟମଗୁଡିକ ମିଛ ପ୍ରଚାରକୁ ଗୁରୁତ୍ୱ ଦେଇଚାଲିଲେ ଯାହା ପରେ ପ୍ରମାଣିତ ହୋଇଛି । ଆବଶ୍ୟକଠାରୁ ତିନିଗୁଣ ଅକ୍ସିଜେନ ଦାବିକରି ଦିଲ୍ଲୀ ଅନ୍ୟସବୁ ରାଜ୍ୟଠାରୁ ରୋଗୀ ସଂଖ୍ୟା ତୁଳନାରେ ଢେର ଅଧିକ ଅକ୍ସିଜେନ ପାଇଥିବା ପ୍ରମାଣିତ ହୋଇସାରିଛି । ସଂପ୍ରତି ପାର୍ଲିଆମେଣ୍ଟରେ ଯେଉଁ ପେଗାସସ୍ ମାମଲାକୁ ନେଇ ଝଡ ସୃଷ୍ଟି ହୋଇଛି ତାହା ଏଜେଣ୍ଡାବାଦୀ ସାମ୍ବାଦିକ ଏନ୍ ରାମଙ୍କ ମିଛ ଖବରରୁ ସୃଷ୍ଟି । କାଲିଫର୍ଣ୍ଣିଆର କୌଣସି ଏକ ଅଦାଲତ ପେଗାସସ୍ ମାଧ୍ୟମରେ ଭାରତୀୟଙ୍କ ଉପରେ ଗୁପ୍ତଚର ଗିରି କରୁଛି ବୋଲି କହିଥିବାରୁ ସେମିତି ଦି ହିନ୍ଦୁ ଖବର ଛାପି ଦେଇଥିଲା ବୋଲି ରାମଙ୍କ ଉତ୍ତରକୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଖାରଜ କରିଛନ୍ତି । କାଲିଫର୍ଣ୍ଣିଆରେ ଏପରି ରାୟ ପ୍ରକାଶ ପାଇଥିବାର କୌଣସି ତଥ୍ୟ ନଥିବା ବେଳେ ଦି ହିନ୍ଦୁ ପରି ଖବରକାଗଜ କିପରି ମିଛ ଖବରକୁ ଛାପିଲା ବୋଲି ପ୍ରଶ୍ନ ହେଲାବେଳେ ସବୁ କାଗଜରେ ଏପରି ପୂର୍ବରୁ ଲେଖାଯାଉଥିବାର ଯେଉଁ ତର୍କ ଉକ୍ତ ସମ୍ବାଦପତ୍ର ପକ୍ଷରୁ ପ୍ରଦାନ କରାଯାଇଛି ତାହା ଆଦୌ ବିଶ୍ୱାସ ଯୋଗ୍ୟ ନୁହେଁ । ସେଥିପାଇଁ ସମଗ୍ର ଦେଶରେ ଏହି ମାମଲାକୁ ଲୋକେ ନିନ୍ଦା କରିଛନ୍ତି । ଏହା ଯେ ସଂସଦକୁ ଅଚଳ କରିବା ପାଇଁ ମିଛ ଷଡଯନ୍ତ୍ର ତାହା ଜଣାପଡିଲାଣି।

ଗଣମାଧ୍ୟମ ଦ୍ୱାରା କିପରି ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇପାରେ ତାହା ଆମେ ଟୁଲକିଟ ମାମଲାରୁ ଜାଣିପାରିଛୁ। ପ୍ରଚ୍ଛନ୍ନ ଯୁଦ୍ଧ ସନ୍ତ୍ରାସବାଦ ମାଧ୍ୟମରେ ଚାଲିଥାଏ । ଏବେ ସୂଚନାଯୁଦ୍ଧ ମାଧ୍ୟମରେ ଲୋକଙ୍କୁ ବିଭ୍ରାନ୍ତ କଲାପରି ଷଡଯନ୍ତ୍ର ଜାରିରହିଛି । ଚାଷୀ ଆନ୍ଦୋଳନ ବେଳେ ଖଲିସ୍ଥାନୀ ସନ୍ତ୍ରାସବାଦୀ ପାକିସ୍ଥାନର ଆଇଏସ୍ଆଇ ଯୋଜନାରେ କିପରି ଷଡଯନ୍ତ୍ର କରିଥିଲେ ତାହା ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଆମେରିକାର ଭଜନସିଂହ ଓରଫ ଇକବଲ ଚୌଧୁରୀ କିପରି ପିଟର ଫ୍ରେଡେରିକ ନାମକ ଜଣେ ଖ୍ରୀଷ୍ଟ ଧର୍ମଯାଜକ ମାଧ୍ୟମରେ ଭାରତ ବିରୋଧୀ ପ୍ରଚାର ଅଭିଯାନ ଚଳାଇ ଆସିଛି ତାହା ଜଣାପଡିଛି । ପ୍ରଥମେ ବିଶ୍ୱରେ ଗାନ୍ଧୀ ବିରୋଧୀ ଭାବନା ସୃଷ୍ଟି କରିବା ପାଇଁ ୨୦୦୭ରେ ଏମାନେ ଅର୍ଗାନାଇଜେସନ ଫର ମାଇନୋରିଟିଜ୍ ଗଢିଥିଲେ। ମହାତ୍ମା ଗାନ୍ଧୀଙ୍କୁ ଜାତିବାଦୀ, ସାମ୍ରାଜ୍ୟବାଦୀ ଭାବେ ଏମାନେ ବିଦେଶରେ ପ୍ରଚାର କରି ଆମେରିକାସ୍ଥିତ ମହାତ୍ମାଗାନ୍ଧି ପ୍ରତିମୂର୍ତ୍ତିକୁ ଭାଙ୍ଗିବାପାଇଁ ଲୋକମାନଙ୍କୁ ଉସକାଇବା ଲାଗି ସୋସିଆଲ ମିଡିଆକୁ ବ୍ୟବହାର କରିଥିଲେ। ଆଇଏସଆଇ ଅର୍ଥପ୍ରାପ୍ତ ଶିଖ ଇନଫରମେସନ ସେଣ୍ଟର ସହ ପିଟର ସଂପୃକ୍ତ ରହି ତିନି ଚାରୋଟି ନାମରେ କାର୍ଯ୍ୟକରୁଛି। ପିଟର ଫ୍ରେଡେରିଚ କେବେ ପିଟର ସିଂହ ଭାବେ ଖାଲିସ୍ଥାନୀ ଆନ୍ଦୋଳନକାରୀ ହେଉଛିତ କେବେ ପୁଣି ପାଟ୍ରିକ ଜେ ନେଭର୍ସ ନାମରେ ଭାରତ ବିରୋଧୀ ପୁସ୍ତକର ଲେଖକ ହେଉଛି । ଏବେ କେ-୨ ବା କାଶ୍ମୀର -ଖଲିସ୍ଥାନ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଏମାନେ ସାମାଜିକ ଗଣମାଧ୍ୟମରେ ନକଲି ଆକାଉଣ୍ଟ ଖୋଲିବା ସହ ଡିଜିଟାଲ ମିଡିଆରେ ବ୍ୟାପକ ପ୍ରଚାର ଚଳାଇଛନ୍ତି। ଫୱାଦ ଚୌଧୁରୀ, ଅଲି ହାଇଦର ଜୈଦୀ, ସିରିନ ମଜାରୀ, ମୁନାଜା ହୁସେନ ଆଦି ଏହି ପ୍ରଚାରରେ ଆଗରେ ରହିଛନ୍ତି । ଏମାନେ ପାକିସ୍ଥାନୀ ଗୋଷ୍ଠୀ । ଗ୍ରେଟା ଥୁନବର୍ଗ ପିଟର ସହ ସଂପର୍କ ରଖି ଟୁଲ୍‌କିଟ୍ ମାଧ୍ୟମରେ ବିଦେଶୀ ଗଣମାଧ୍ୟମରେ ଭାରତ ବିରୋଧୀ ପ୍ରଚାର ଚଳାଇଆସିଛି। କାଶ୍ମୀର ଓ ଖାଲିସ୍ଥାନ ସନ୍ତ୍ରାସବୃଦ୍ଧି ପାଇଁ ଲାହୋରଠାରେ ଜମାତେ ଇସଲାମୀର ଅମିର ଉଲ୍ ଅଜିମ୍ ପଞ୍ଜାବ ଗଭର୍ଣ୍ଣର ଚୌଧୁରୀ ଅଲତାଫ ହୁସେନ ପ୍ରମୁଖ ଭାରତ ସମେତ ଅନେକ ଦେଶର ଗଣମାଧ୍ୟମ ସହାୟତାରେ ଭାରତ ବିରୋଧରେ ପ୍ରଚାର କରୁଛନ୍ତି । ପାକ୍ ଓ ବିଦେଶୀ ଭାରତ ବିରୋଧୀ ଏହି ଗୋଷ୍ଠୀ ସହ ଭାରତର ଅନେକ ଏଜେଣ୍ଡାବାଦୀ ସାମ୍ବାଦିକ ଭାରତ ସରକାର ବିରୋଧୀ ଲେଖାଲେଖି ବେଶ୍ ଦି ପଇସା ରୋଜଗାର କରୁଛନ୍ତି। ଭାରତର ବଦନାମ ବିଦେଶରେ କରିବାକୁ ଏମାନେ ନିଜର ପ୍ରଧାନ ଏଜେଣ୍ଡା କରିଛନ୍ତି । ଏମାନଙ୍କ ମଧ୍ୟରେ ରବିଶ କୁମାର, ବର୍ଖାଦତ୍ତ, ପୁଣ୍ୟପ୍ରସୂନ ବାଜପେୟୀ, ଅଭିସାର ଶର୍ମା, ଅଭିକ ସେନ, ରାଣା ଅୟୁବ, ଶେଖର ଗୁପ୍ତା, ରାଜଦୀପ ସରଦେଶାଇ,ଏନ ରାମ, ସାଗରିକା ଘୋଷ, ଧ୍ରୁବ ରାଠୀ, ଜନ ଦୟାଲ, ନିଖିଳ ୱାଗଲେ, ସ୍ୱରା ଭାସ୍କର, ପ୍ରଣୟ ରୟ, ବିନୋଦ ଦୁଆ ପ୍ରମୁଖ ରହିଛନ୍ତି । ସାମ୍ବାଦିକତା ମଧ୍ୟରେ ନିଜର ପ୍ରଚାରକୁ ଆଗରେ ରଖି ଏମାନେ କାର୍ଯ୍ୟ କରୁଛନ୍ତି। ଦେଶ ଓ ସରକାରର ବିଦେଶରେ ନିନ୍ଦା କରି ଅର୍ଥ ଲାଭ କରୁଛନ୍ତି । ଭାରତରେ ଦିନକୁ ଦିନ ବଢୁଥିବା ଏ ପ୍ରକାର ଏଜେଣ୍ଡାବାଦୀ ସାମ୍ବାଦିକତା ଯୋଗୁ ସାହିନବାଗର ଦଙ୍ଗା, ଦିଲ୍ଲୀଦଙ୍ଗା, କୃଷକଙ୍କ ଦଙ୍ଗା ପରି ଘଟଣା ନିକଟ ଅତୀତରେ ଲୋକେ ଦେଖିସାରିଛନ୍ତି,ଏସବୁ ଦେଶପାଇଁ କ୍ଷତିକାରକ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩




## ଆଚଂଳିକ ଟ୍ରକ ମାଲିକ ସଂଘର ସାଧାରଣ ସଭା ଅନୁଷ୍ଠିତ

ଝୁମ୍ପୁରା: କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ବାମେବାରୀ ଥାନା ଅର୍ନ୍ତଗତ ବୈତରଣୀ ନଦୀ କୂଳ ସତୀଘାଟ ଠାରେ ରବିବାର ଦିନ ଅଚଂଳିକ ଟ୍ରକ ମାଲିକ ସଂଘର ପ୍ରଥମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଂଘର ସମ୍ପାଦକ ରାଜେନ୍ଦ୍ର ବାରିକଙ୍କ ଆବାହକତ୍ୱରେ ସଭା ଆୟୋଜନ କରାଯାଇଥିବା ବେଳେ ସଂଘର ସଭାପତି ମନୋଜ କୁମାର ମହାନ୍ତଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା । ଆଚଂଳିକ ଟ୍ରକ ମାଲିକ ସଂଘର କାଳିମାଟି ଏବଂ ଦେଓଝର ଠାରେ ଫେବୃଆରୀ ୨୬ରେ ନୂତନ କାର୍ଯ୍ୟାଳୟ ଉଦଘାଟିତ ହେବା ପରେ ଏହି ସାଧାରଣ ସଭା ଅନୁଷ୍ଠିତ ହୋଇଛି । ଯୋଡା ଟ୍ରକ ମାଲିକ ସଂଘର ମେରୀରାୟ ନୀତିରେ ସାଧାରଣ ଟ୍ରକ ମାଲିକମାନେ ଗାଡି ଲୋଡିଙ୍ଗ ରୁ ବଂଚିତ ହୋଇ ନାନା ହଇରାଣ ହରକତ ହେଉ ଥିଲେ । ଫଳରେ ଯୋଡା ଟ୍ରକ ମାଲିକ ସଂଘ କୁ ବିରୋଧ କରି ଆଚଂଳିକ ଟ୍ରକ ମାଲିକ ସଂଘ ମୁଣ୍ଡ ଟେକିଥିଲା । ନୂତନ ସଂଘ ଗଠିତ ହେବା ପରେ ଏହି ସଂଘରେ ବର୍ତମାନ ସୁଦ୍ଧା ୧ହଜାର ରୁ ଊର୍ଦ୍ଧ୍ୱ ଟ୍ରକ ମାଲିକ ସେମାନଙ୍କ ନାମ ପଞ୍ଜିକରଣ କରି ସାରିଛନ୍ତି । ଆସନ୍ତା ମାସକ ମଧ୍ୟରେ ସମସ୍ତ ଯାନ ଗୁଡିକୁ କମ୍ପୁଟର କରଣ କରିବା ସହ ସମସ୍ତ ଖଣି ରୁ ମାଲ ପରିବହନ କରାଯିବ ବୋଲି ସଂଘର ସମ୍ପାଦକ ଶ୍ରୀ ବାରିକ ସୂଚନା ଦେଇଛନ୍ତି । ଆଚଂଳିକ ଟ୍ରକ ମାଲିକ ସଂଘ କୁ ସୁଚାର ରୂପେ ପରିଚାଳନା କରିବା ନିମନ୍ତେ ବର୍ତମାନ ୨୨ ଜଣ ସଦସ୍ୟ ଙ୍କୁ ପରିଚାଳନା କମିଟିର ସଦସ୍ୟ କରାଯାଇଛି । ସେମାନଙ୍କ ମଧ୍ୟରୁ ସଭାପତି ମନୋଜ କୁମାର ମହାନ୍ତ, ଉପ-ସଭାପତି ଅର୍ଜୁନ କୁମାର ମୁଣ୍ଡା ଓ ମୂରଲୀଧର ମହାନ୍ତ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ବାରିକ, ସହ-ସମ୍ପାଦକ ମୋନୋବୋଧ ବେହେରା, ବୁଲୁ ଚରଣ ବାରିକ, କୋଷାଧକ୍ଷ ତପନକୁମାର ସାହୁ ସେହିପରି ଉଗ୍ରେସନ ଆପଟ୍ଟ, କମଳାକାନ୍ତ ମହାକୁଡ, ଅନାଦି ବାରିକ, ଦିବ୍ୟଲୋଚନ ସାହୁ, ମହମ୍ମଦ ସାବାଜ ଆଲ୍ଲମ, ମହମ୍ମଦ ଓସିଦ୍ ଆକମଲ୍ଲ, ମିଶ୍ର ମହାନ୍ତ, ପ୍ରଭାସ ପ୍ରସାଦ, ପର୍ଶୁରାମ ମହାନ୍ତ, ଗୋବିନ୍ଦ ଖିଲାର, ଜ୍ଞାନରଂଜନ ଖୁଣ୍ଟିଆ, ନନ୍ଦକିଶ୍ୱର ମହାନ୍ତ, ବସନ୍ତ କୁମାର ପଲେଇ, ସୋରଜ ବାରିକ, ରଣଜିତ କୁମାର ବେହେରା ଙ୍କୁ ଇ.ବି ମେମ୍ବର ଭାବେ କମିଟିରେ ସ୍ଥାନୀତ କରାଯାଇଛି । ଆୟୋଜିତ ସଭାରେ ଉପଦେଷ୍ଟା ମିଟିର ସଦସ୍ୟ ଭକ୍ତବନ୍ଧୁ ମହାନ୍ତ, ଜେଠୁରାମ ମହାନ୍ତ, ଗୋପୀନାଥ ଗୋପ, ଜୟନ୍ତ କଲ୍ଲମାର ବେହେରା, ମହମ୍ମଦ ମତିଉର ରହମାନ, ବିରବର ନାଏକ, ରଞ୍ଜିତ ନାଏକ, ତ୍ରିଲୋଚନ ପଲେଇ ପ୍ରମୁଖ ଉପସ୍ଥିତ ରହି ଆଚଂଳିକ ଟ୍ରକ ମାଲିକ ସଂଘର କର୍ମକର୍ତାମାନଙ୍କୁ ସଂଘକୁ କିପରି ଭାବେ ସୁଦୃଢ କରିବା ସହ ଆଗାମୀ ଦିନରେ ଏକ ଅଗ୍ରଣୀ ଓ ସୁପ୍ରତିଷ୍ଠିତ ସଂଘ କରାଯିବ ସେ ଉଦ୍ଦେଶ୍ୟରେ ସୁଚିନ୍ତିତ ମତାମତ ଦେଇଥିଲେ । ଏହି ସାଧାରଣ ସଭାରେ ଚମ୍ପୁଆ ଉପଖଣ୍ଡ ସମେତ ପଳାଶପଙ୍ଗା ଅଚଂଳରୁ ୭ଶହରୁ ଉର୍ଦ୍ଧ୍ୱ ଟ୍ରକ ମାଲିକ ଯୋଗଦାନ କରିଥିବା ଦେଖିବାକୁ ମିଳିଥିଲା ।

## ମହୁଦୀପା ବାଲି ଘାଟରୁ ଚୋରା ବାଲି ଚାଲାଣ, ବିପୁଳ ରାଜସ୍ୱ ହାନି

କେନ୍ଦୁଝର: ସାହାରପଡା ତହସିଲ ଅନ୍ତର୍ଗତ ବୈତରଣୀର ମହୁଦୀପା ବାଲିଘାଟରୁ ବେଆଇନ୍ ବାଲି ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି । ଏ ନେଇ ପୂର୍ବରୁ ସ୍ଥାନୀୟ ଲୋକେ କେନ୍ଦୁଝର ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ନଦୀକୁ ଯାଇଥିବା ଗୋଟିଏ ରାସ୍ତାକୁ କାଟି ଦିଆଯାଇ ଥିଲା । ଏବେ ଏହି ରାସ୍ତାକୁ ମରାମତି କରି ବାଲି ମାଫିଆମାନେ ମନଇଚ୍ଛା ବାଲି ଲୁଟ୍ ପାଇଁ ସୁଯୋଗ ପାଉ ଥିବାରୁ ବିପୁଳ ରାଜସ୍ୱ ହାନୀ ହେଉଥିବା ଅଭିଯୋଗ ହୋଇଛି । କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣେ ମତ ପ୍ରକାଶ ପାଇଛି ।

## କେନ୍ଦୁଝର ଜିଲ୍ଲାରେ ୧କୋଟି ୯୦ଲକ୍ଷ ଟଙ୍କା ୟାସ ସହାୟତା ରାଶି ପ୍ରଦାନ

କେନ୍ଦୁଝର:(ପି.ଏନ୍.): କେନ୍ଦୁଝର ଜିଲ୍ଲାରେ ସଂଗଠିତ ହୋଇଥିବା ପ୍ରଳୟଙ୍କରୀ ବାତ୍ୟା ୟାସ ପାଇଁ ସରକାରଙ୍କଠାରୁ ୧କୋଟି୯୦ଲକ୍ଷ ୫୫ ହଜାର ୧୦୦ଟଙ୍କା ସହାୟତା ରାଶି ଜିଲ୍ଲାକୁ ଆସିଥିବାବେଳେ ସେଥିମଧ୍ୟରୁ ୧କୋଟି ୯୦ଲକ୍ଷ ୫୪ ହଜାର ୮୦୦ଟଙ୍କା କ୍ଷତିଗ୍ରସ୍ତ ଲୋକଙ୍କୁ ପ୍ରଦାନ କରାଯାଇଛି । ରିଲିଫ ଆକାରରେ ଦିନକ ପିଛା ବୟସ୍କ ବ୍ୟକ୍ତିଙ୍କୁ ଏକଶହ ଟଙ୍କା ଓ ଶିଶୁମାନଙ୍କୁ ୬୦ଟଙ୍କା ଆକାରରେ ମୋଟ ୫୦ଲକ୍ଷ ୯୬ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏଥିପାଇଁ ୫୦ଲକ୍ଷ ୯୬ ହଜାର ୩୦୦ ଟଙ୍କା ଜିଲ୍ଲାକୁ ଆସିଥିଲା । ମୋଟ ୨୫୯୩ଟି ଘର ଭାଙ୍ଗି ଯାଇଥିବାବେଳେ ସଂପୂର୍ଣ ଓ ବହୁମାତ୍ରାରେ ଭାଙ୍ଗିଥିବା ପକକା ଘର ପାଇଁ ୯୫ହଜାର ୧୦୦ଟଙ୍କା,କଚ୍ଚା ଘର ପାଇଁ ୫୨୦୦ଟଙ୍କା, ଗୁହାଳ ପାଇଁ ୩୨୦୦ଟଙ୍କା ଓ ଅନ୍ୟାନ୍ୟ ସହାୟତା ପାଇଁ ୪୨ଶହ ଟଙ୍କା ବାବଦକୁ ମୋଟ ୧କୋଟି ୧୩ ଲକ୍ଷ ୯ ହଜାର ୩୦୦ ଟଙ୍କା ଜିଲ୍ଲା ପାଇଥିବାବେଳେ ସେଥିମଧ୍ୟରୁ ୧କୋଟି ୧୩ ଲକ୍ଷ ୯ ହଜାର ୩୦୦ଟଙ୍କା ସଂପୃକ୍ତ ତହସିଲଦାର, ବିଡିଓ ଓ ପୌରପାଳିକାର ନିର୍ବାହୀ ଅଧିକାରୀମାନଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇଛି । କୃଷି ସହାୟତା ପାଇଁ ଯେଉଁ ଜମିରେ ଶତକଡା ୩୩ଭାଗ ବା ତାହାଠାରୁ ଅଧିକ ଫସଲରେ ପାଣି ମାଡି ଯାଇ ନଷ୍ଟ ହୋଇଛି ସେଠାରେ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୩ହଜାର ୫୦୦ ଓ ଅଣଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୮ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ଜିଲ୍ଲାରେ ମୋଟ ୨୦୭.୬୭ ହେକ୍ଟର ଜମି କ୍ଷତିଗ୍ରସ୍ତ ହୋଇଛି । ଛୋଟ ପଶୁମାନଙ୍କୁ ସ୍ଥାନାନ୍ତର ପାଇଁ ୧ଲକ୍ଷ ୨୨ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ଅପରିଷ୍କାର ଡ୍ରେନ୍ ଯୋଗୁଁ ପରିବେଶ ଦୂଷିତ

କେନ୍ଦୁଝର:(ପି.ଏନ୍.):ଆନନ୍ଦପୁର ପୌରପାଳିକାର ୧୫ନଂ ୱାର୍ଡ ଦେଇ ଯାଇଥିବା ଭିଆଇପି ରାସ୍ତା ଠାରୁ ସଂଲଗ୍ନ ହୋଇଥିବା ମେଡିକାଲ ରାସ୍ତା ପାର୍ଶ୍ୱରେ ପୌରପାଳିକ ଦ୍ୱାରା ନିର୍ମାଣ ହୋଇଥିବା ଡ୍ରେନ୍ ମଧ୍ୟରୁ ସ୍ଥାନୀୟ କେତେକ ରାଜନୈତିକ ବ୍ୟକ୍ତି ବିଶେଷ ବାସଗୃହ ଏବଂ ପାଇଖାନାର ବର୍ଜ୍ୟ ଜଳ ଡ୍ରେନ୍ ମଧ୍ୟକୁ ଛାଡୁଥିବାରୁ ଅନବରତ ପୂତିମୟ ଗନ୍ଧ ନିର୍ଗତ ହେଉଛି । ଫଳରେ ପରିବେଶ ଦୂଷିତ ହୋଇ ପଡିଛି । ଏପରିକି ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟତଃ ଔଷଧ ଦୋକାନ, ବେସରକାରୀ ରୋଗ ନିଦାନ କେନ୍ଦ୍ର ଓ ଘରୋଇ ଡାକ୍ତରଙ୍କ କ୍ଲିନିକ୍ ଥିବାରୁ ଶହ ଶହ ରୋଗୀ ଚିକିତ୍ସା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡିଥାଏ । ଯାହାକି ଡ୍ରେନ୍‌ରୁ ନିର୍ଗତ ଦୁର୍ଗନ୍ଧ ଯୋଗୁଁ ଲୋକେ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି । ଉକ୍ତ ଡ୍ରେନ୍‌ଟି ପୌରପାଳିକା ତରଫରୁ ମଧ ସଫା କରାଯାଉ ନାହିଁ । ଉକ୍ତ ସମସ୍ୟାର ସମାଧାନ ପାଇଁ ପୌର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ।

## ଓଲଟିଲା ପରେ ଜଳିଗଲା ହାଇୱା ଟ୍ରକ୍

କେନ୍ଦୁଝର:(ପି.ଏନ୍.):ରଣାଶାଳ ଠାରୁ ବାମେବାରୀ ସଂଯୋଗ କରୁଥିବା ରାଜ୍ୟ ରାଜପଥ ନଂ -୨ ବାଂଶପାଣି ବେଲବାଇ ପୋଲ ନିକଟ ରାସ୍ତା କଡରେ ଠିଆ ହୋଇଥିବା ଓଡି-୦୯ପି-୩୩୨୬ନଂ ହାଇୱା ଟ୍ରକ୍ ହଠାତ୍ ପଛକୁ ଗଡିଯିବା ଫଳରେ ରାସ୍ତାକଡ ଖାଲକୁ ଓଲଟି ପଡିଥିଲା । ପରେ ହାଇୱାଟିରେ ସଟ୍‌ସର୍କିଟ୍ ଯୋଗୁଁ ନିଆଁ ଲାଗିଯିବା ଫଳରେ ହାଇୱାଟି ହୁତୁହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଥିଲା । ତୁରନ୍ତ ସ୍ଥାନୀୟ ଲୋକେ ଯୋଡା ଥାନା ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ । ତେବେ ସେତେବେଳକୁ ଗାଡିର କ୍ୟାବିନ୍ ସହ ଇନ୍ ପୋଡି ଯାଇଥିବା ଖବର ମିଳିଛି । ହାଇୱାଟି ଜଳିବା ସମୟରେ ନିକଟରେ ଡ୍ରାଇଭର କିମ୍ବା ହେଲପର ଉପସ୍ଥିତ ନଥିଲେ । ତେବେ ସ୍ଥାନୀୟ ଦେଖଣାହାରୀମାନେ ମଧ ସଠିକ୍ କିଛି କହିପାରୁ ନାହାଁନ୍ତି । ତେବେ ହାଇୱାଟି ନିଜେ ଗଡିଯାଇ ଖାଲ ଭିତରକୁ ଓଲଟି ପଡିଥିଲା ନା ଡ୍ରାଇଭର ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇବା ପରେ ସେଠାରୁ ଚମ୍ପଟ ମାରିଥିଲେ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ ।

## କେନ୍ଦ୍ରାପଡାର ଆୟବା ଓ ଡିହାପଡାରେ ଗୋବରୀ ନଦୀକୁ ଭୟ : କୁମ୍ଭୀର ଖାଉଛି ମଣିଷ ଓ ଗୋରୁ, ସରକାରଙ୍କ ନିଦ ଭାଙ୍ଗୁନି

କେନ୍ଦ୍ରାପଡ଼ା : ଗତ ୨ବର୍ଷ ହେଲାଣି କେନ୍ଦ୍ରାପଡାର ଗୋବରୀ ନଦୀରେ ବଉଳା ଓ କଳା କୁମ୍ଭୀରମାନେ ବହୁଳ ସଂଖ୍ୟାରେ ବୁଲାବୁଲି କରୁଥିବା ଲୋକେ ଦେଖି ଭୟଭୀତ ହୋଇପଡିଛନ୍ତି । ଫଳରେ ନଦୀକୁ ଲାଗି ରହିଥିବା ଗ୍ରାମ ଗୁଡିକର ଗ୍ରାମବାସୀମାନେ ନଦୀତୁଠରେ ବ୍ୟବହାର ସମୟରେ କୁମ୍ଭୀରର ଶିକାର ହେଉଛନ୍ତି । ଗତ ସେପ୍ଟେମ୍ବର ମାସରେ ପଟ୍ଟାମୁଣ୍ଡାଇ ବ୍ଲକର ଡିହାପଡା ପଞ୍ଚାୟତ ଅନ୍ତର୍ଗତ କୁପୁନି ଗ୍ରାମର ଶ୍ରମିକ ନିତ୍ୟାନନ୍ଦ ସେନାପତିଙ୍କ ପୁଅ ଶିବାନନ୍ଦ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଏକ ବଉଳା କୁମ୍ଭୀର ତାଙ୍କୁ ଝମ୍ପି ନେଇଥିଲା । ଗ୍ରାମବାସୀମାନେ ପ୍ରଶାସନକୁ ଅବଗତ କଲାପରେ ଦମକଳ ଗାଡି ଯାଇ ଖୋଜାଖୋଜି କରିଥିଲେ ମଧ ଶିବାନନ୍ଦର ଶବ ପାଇ ନଥିଲେ । ପଟ୍ଟାମୁଣ୍ଡାଇ ଥାନା ଏକ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ହୋଇ ବସିଯାଇ ଥିଲା ଏବଂ ଶବ ନ ମିଳିବାରୁ ପ୍ରଶାସନ ଆଜି ଯାଏଁ ଶିବାନନ୍ଦଙ୍କ ପରିବାରକୁ କୌଣସି ସହାୟତା ଦେଇନାହିଁ । ସେହିପରି ରାଜନଗର ଅଞ୍ଚଳର ଡାଙ୍ଗମାଳ ଠାରେ କୁମ୍ଭୀର ଆତଙ୍କ ପାଇଁ ଲୋକେ ଭୟଭୀତ । ଅନେକ ସମୟରେ ଲୋକେ କୁମ୍ଭୀର ହାବୁଡରେ ପଡି ମୃତ୍ୟୁବରଣ କରୁଛନ୍ତି । ଆୟବା ଗ୍ରାମର ଅନେକାଂଶ ଗୋବରୀ ନଦୀପଠାରେ ଅବସ୍ଥିତ । ଲୋକଙ୍କ ଗାଇଗୋରୁ ନଦୀରୁ ପାଣି ପିଉଥିବା ବେଳେ କୁମ୍ଭୀର ଖାଇଯାଉଛି ଓ ଅନେକ ସମୟରେ ଲୋକମାନଙ୍କୁ କୁମ୍ଭୀର ପାଇଁ ଆତଙ୍କିତ ହୋଇ ରହିବାକୁ ପଡିଛି । ବ୍ୟବହାର ଉପଯୋଗୀ ତୁଠମାନଙ୍କରେ ତାରବାଡ ଲଗାଯାଇ ଲୋକମାନଙ୍କୁ ସୁରକ୍ଷା ଦେବାପାଇଁ ପ୍ରଶାସନଙ୍କୁ ଅଭିଯୋଗ କଲେ ମଧ ଜିଲ୍ଲା ଓ ରାଜ୍ୟ ପ୍ରଶାସନ ନିଦ୍ରାବ୍ରହ୍ମ ସାଜିଛନ୍ତି । ସାଧାରଣ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଯେମିତି କାହାରି ଦାୟିତ୍ୱ ନଥିବା ପରି ମନେ ହେଉଛି । କୁମ୍ଭୀର ଆତଙ୍କ ଖବର ପାଇ ଗତକାଲି ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ହଳଧର ସେଠୀ ଆୟବା ଓ ଡିହାପଡା ଅଞ୍ଚଳର ଗୋବରୀ ନଦୀ ତୁଠ ଗୁଡିକୁ ବୁଲି ଦେଖିବା ସହ ଗ୍ରାମବାସୀମାନଙ୍କ ସହ ସେମାନଙ୍କ ସୁରକ୍ଷା ବିଷୟରେ ଆଲୋଚନା କରିଛନ୍ତି । ସାଧାରଣ ଲୋକଙ୍କ ଜୀବନର ସୁରକ୍ଷା ପ୍ରତି ଜିଲ୍ଲା ପ୍ରଶାସନ ବିଶେଷ କରି ଡି.ଏଫ୍.ଓ. ଯତ୍ନବାନ ନହେବା ଦ୍ୱାରା ମଣିଷ ଓ ଗାଇଗୋରୁ କୁମ୍ଭୀର ହାବୁଡରେ ପଡୁଛନ୍ତି ଏବଂ ବେଳେବେଳେ କୁମ୍ଭୀର ମଣିଷ ଖାଇଯିବାର ସୁଯୋଗ ପାଉଛି । ଲୋକଙ୍କ ଦାବି ଅନୁଯାଇ ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରତ୍ୟେକ ନଦୀତୁଠରେ ତାର ଡାଫେରୀ ବାଡ କରାଯାଇ ନଦୀଜଳର ବ୍ୟବହାର ପାଇଁ ସୁଯୋଗ ଦିଆଯିବା ସହ କୁମ୍ଭୀର ଘଉଡାଇବା ପାଇଁ ଗାର୍ଡ ବା ଜଙ୍ଗଲ କର୍ମଚାରୀ ନିଯୁକ୍ତି ଦେବାପାଇଁ କଂଗ୍ରେସ ନେତା ଶ୍ରୀ ସେଠୀ ଡି.ଏଫ୍.ଓ, ଜିଲ୍ଲାପାଳ, ପ୍ରମୁଖ ବନ ସଂରକ୍ଷକ(ପି.ସି.ସିଏଫ) ଓ ଜଙ୍ଗଲ ସଚିବଙ୍କୁ ଭେଟି ଆଲୋଚନା କରିବେ ବୋଲି ପ୍ରକାଶ କରିଛନ୍ତି ।

## ତମ୍ପା ଘାଟରୁ ବାଲି ଚୋରା ଚାଲାଣ

କେନ୍ଦୁଝର:(ପି.ଏନ୍.):ବୈତରଣୀ ନଦୀର ବାତୋ-ତମ୍ପୋଶାଳଦେଇ ଘାଟରୁ ପ୍ରତିଦିନ ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଛି । ସନ୍ଧ୍ୟା ହେଲେ ନିର୍ଦ୍ଦିଷ୍ଟ କେତେଜଣ ବ୍ୟବସାୟୀ ରାତି ସାରା ଟ୍ରାକ୍ଟର ଯୋଗେ ଯାଜପୁର ଜିଲ୍ଲାର କେତେକ କାରଖାନାକୁ ବାଲି ଚୋରା ଚାଲାଣ କରୁଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । ବିବାଦୀୟ ପରିସ୍ଥିତି ଯୋଗୁଁ ବୈତରଣୀ ଘାଟ ଗୁଡିକ ନିଲାମ ହୋଇପାରୁ ନାହିଁ । ଘଷିପୁରା ତହସିଲ ପକ୍ଷରୁ ଏହି ଅଂଚଳରୁ ବାଲି ନଉଠାଇବା ପାଇଁ ନୋଟିସ୍ ଜାରି କରାଯାଇ ଥିଲେ ମଧ ସନ୍ଧ୍ୟା ପରେ ପ୍ରତିଦିନ ବାଲି ଚାଲାଣ ହେଉଛି । ସନ୍ଧ୍ୟା ପରେ ଟ୍ରାକ୍ଟର ଚଳାଚଳ ଓ ଟ୍ରାକ୍ଟର ଡାଲା ଶବ୍ଦରେ ଅଂଚଳବାସୀ ଅତିଷ୍ଠ ହୋଇ ପଡୁଛନ୍ତି । ଏହି ବାଲି ଘାଟ ଗୁଡିକୁ ସରକାରୀ ନିଲାମ ନକରିବା ପାଇଁ କେତେକ ସଚେତନ ନାଗରିକ ପ୍ରଶାସନକୁ ନିବେଦନ କରିଥିବା ବେଳେ ନିଲାମ ଜନିତ ବିବାଦ ଏବେ ନ୍ୟାୟାଳୟରେ ବିଚାରଧିନ ରହିଛି । ଏହା ସତ୍ତ୍ୱେ ପୂର୍ବ ପରି ବାଲି ଚାଲାଣ ହେଉଥିଲେ ମଧ ସ୍ଥାନୀୟ ରାଜସ୍ୱ ବିଭାଗ କର୍ମଚାରୀ ଧରପଗଡ କରିବା କିମ୍ବା ବାଲି ମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଘଷିପୁରା ତହସିଲଦାର ବାବୁଲୁ ପେରେଇଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିବାଦୀୟ ପରିସ୍ଥିତି ଯୋଗୁଁ ଚଳିତ ବରଷ ଏହି ବାଲିଘାଟ ନିଲାମ୍ ଦିଆଯାଇ ନାହିଁ, ଚୋରା ଚାଲାଣ ଉପରେ ଧରପଗଡ କରାଯାଇ ଜରିମାନା ଆଦାୟ ହୋଇଛି ଏବଂ ଖୁବ୍ ଶୀଘ୍ର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ ।

## ପ୍ରସ୍ତାବିତ ରାଇସ୍ ମିଲ୍ ପାଇଁ ପଲ୍ଲୀସଭାରେ ସହମତି ମିଳିଲା

କେନ୍ଦୁଝର: ପାଟଣା ବ୍ଲକ ବଡପାଟଣା ପଂଚାୟତ କୁଆପଶି ଗ୍ରାମରେ ଆଜି ପ୍ରସ୍ତାବିତ ନାରାୟଣ ରାଇସ୍ ମିଲ ସ୍ଥାପନ ପାଇଁ ପଲ୍ଲୀସଭା ଅନୁଷ୍ଠିତ ହୋଇଥିଲା । ଗ୍ରାମର ୱାର୍ଡମେମ୍ବରଙ୍କ ଅନୁପସ୍ଥିତିରେ ବୟସ୍କ ନାଗରିକ ଲୋଚନ ମହାନ୍ତଙ୍କୁ ସର୍ବସମ୍ମତୀ କ୍ରମେ ପଲ୍ଲୀସଭାର ସଭାପତିତ୍ୱ ଦାୟୀତ୍ୱ ଦିଆଯାଇଥିଲା । ପାଟଣା ଥାନାଧିକାରୀ ସୋମନାଥ ଜେନାଙ୍କ ସହ ଥାନାର ଅନ୍ୟ ଅଧିକାରୀ ଓ ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ଥିଲେ । ସର୍ବସମ୍ମତି କ୍ରମେ ରାଇସ୍ ମିଲ୍ ସପକ୍ଷରେ ପଲ୍ଲୀସଭାରେ ପ୍ରସ୍ତାବ ପାରିତ ହୋଇଥିଲା ।

## ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଯୋଡା: ମହିଳାମାନଙ୍କ ଅଦମ୍ୟ ମନୋଭାବକୁ ସଲାମ କରି ଯୋଡ଼ାଠାରେ ସୋମବାରଦିନ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଟାଟାଷ୍ଟିଲ ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନ୍‌ର ମିଳିତ ଉଦ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଛି । ଯୋଡ଼ାରେ ଅବସ୍ଥିତ ବୃତ୍ତିଗତ ପ୍ରଶିକ୍ଷଣ କେନ୍ଦ୍ରରେ 'ଜାଗୃତି' ନାମକ ଏକ ମେଗା କାର୍ଯ୍ୟକ୍ରମ ସହିତ ମହିଳା ଦିବସ ପାଳନର ଶୁଭାରମ୍ଭ ହୋଇଥିଲା । ଏଥିରେ ସିରଡ଼ି ସାଇ ସେବା ସମିତିର ଟ୍ରଷ୍ଟି ତଥା ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ସାମାଜସେବୀ ଶ୍ରୀମତି ସୁଜାତା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଟାଟାଷ୍ଟିଲ ଯୋଡ଼ା ହସ୍ପିଟାଲର କାର୍ଯ୍ୟବାହକ ମୁଖ୍ୟ ଚିକିତ୍ସାଧିକାରୀ (ସିଏମ୍‌ଓ) ଡଃ ସୁଚୀସ୍ମିତା ଦାସ ଓ ସ୍ପନ୍ଦନ ମହିଳା ସମିତିର ଉପ ସଭାପତି ଶ୍ରୀମତି ଭିନିତା ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ, ଅତିଥିମାନେ କୋଭିଡ଼-୧୯ ବିରୁଦ୍ଧ ସଂଗ୍ରାମରେ ଯୋଗଦାନ କରିଥିବା ଓ ମହାମାରୀ ସମୟରେ ସ୍ଥାନୀୟ ଲୋକମାନଙ୍କୁ ସହାୟତା ପ୍ରଦାନ କରିଥିବା ଅଞ୍ଚଳର ୨୨ ଜଣ ମହିଳାମାନଙ୍କୁ ସମ୍ମାନିତ କରିଥିଲେ । ଏହି ସମ୍ମାନ ଉତ୍ସବରେ ମହିଳାମାନଙ୍କୁ ଏକ ପ୍ରଶଂସା ପତ୍ର ସହିତ ଉପହାର ମଧ୍ୟ ପ୍ରଦାନ କରାଯାଇଥିଲା । ମହାମାରୀ ସମୟରେ ସ୍ଥାନୀୟ ଲୋକମାନଙ୍କୁ ଉନ୍ନତମାନର ସେବା ପ୍ରଦାନ କରିବା ପାଇଁ ଶ୍ରୀମତି ସୁଜାତା ପଟ୍ଟନାୟକ ଓ ଡଃ ସୁଚିସ୍ମିତା ଦାସଙ୍କୁ ସମ୍ମାନିତ କରିବା ସହ ଉକ୍ତ କାର୍ଯ୍ୟକ୍ରମର ସମାପନ ହୋଇଥିଲା । ଏଠାରେ ସୂଚନା ଯୋଗ୍ୟ ଯେ, ଶ୍ରୀମତି ସୁଜାତା ପଟ୍ଟନାୟକ ସ୍ଥାନୀୟ ଅଞ୍ଚଳର ଅଳ୍ପ କିଛି ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ, ଯିଏକି ଯୋଡ଼ାଠାରେ ମହାମାରୀ ସମୟରେ ପୌରପାଳିକା ମାଧ୍ୟମରେ ଅବହେଳିତ ଶ୍ରେଣୀର ଲୋକମାନଙ୍କୁ ଖାଦ୍ୟ ଦେବା ଆରମ୍ଭ କରିଥିଲେ । ସମ୍ପ୍ରତି କୋଭିଡ଼-୧୯ ପରିସ୍ଥିତି ଯୋଗୁଁ ବୃତ୍ତିଗତ ପ୍ରଶିକ୍ଷଣ କେନ୍ଦ୍ରରେ ମାତ୍ର ୨୨ ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିବାବେଳେ ଚଳିତ ସପ୍ତାହ ମଧ୍ୟରେ ଅଙ୍ଗନବାଡ଼ି କର୍ମୀ ଓ ସହଯୋଗୀମାନଙ୍କୁ ମିଶାଇ ୯୨ ଜଣ ମହିଳାଙ୍କୁ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଆୟୋଜିତ ହେବାକୁଥିବା ସମାନ ପ୍ରକାର କାର୍ଯ୍ୟକ୍ରମରେ ସମ୍ମାନିତ କରାଯିବ । ବିଛାକୁଣ୍ଡି ମାଙ୍ଗାନିଜ ମାଇନ୍ସ, ଏଫଏପି ଯୋଡ଼ା, ଖଣ୍ଡବନ୍ଧ ଓ ଗୁରୁଡ଼ାଠାରେ ମଧ୍ୟ ସମାନ ପ୍ରକାର କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା । ବିଛାକୁଣ୍ଡିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମାଙ୍ଗାନିଜ ଗ୍ରୁପ୍ ଅଫ ମାଇନ୍ସର ମୁଖ୍ୟ ଅମିତ କୁମାର ଦୁବେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଯଥା କୁଇଜ,ରଙ୍ଗୋଲୀ ଓ ମାଟିପାତ୍ରରେ ଚିତ୍ରାଙ୍କନର ବିଜେତାମାନଙ୍କୁ ସମ୍ମାନିତ କରିଥିଲେ । ଏହାବ୍ୟତୀତ ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା ।

## ମାଲଦା ଠାରେ ଆଶ୍ୱାୟାର ତରଫରୁ ଆନ୍ତର୍ଜାତିୟ ମହିଳା ଦିବସ ପାଳିତ

କେନ୍ଦୁଝର: ଆଜି ବିଶ୍ୱ ମହିଳା ଦିବସ ସାରା ବିଶ୍ୱରେ ପାଳିତ ହେଉଛି । ଯାହାକୁ ପ୍ରଶାସନିକ ସ୍ତର ଠାରୁ ଆରମ୍ଭ କରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମଧ ଏହି ଦିବସକୁ ପାଳନ କରିଥାନ୍ତି । ଏପରିକି ଓଡିଶାର ମୁଖ୍ୟମନ୍ତ୍ରୀ ମିଶନ ଶକ୍ତିକୁ ଏକ ସ୍ୱତନ୍ତ୍ର ମାନ୍ୟତା ମଧ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଶ୍ୱାୟାର ଦ୍ୱାରା ଅରୁଣ କୁମାରଙ୍କ ଅଧକ୍ଷତାରେ ମଲଦା ପଂଚାୟତ ଠାରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ପ୍ରାୟ ୮୦ଜଣ ମହିଳା ସକାଳୁ ସକାଳୁ ପଂଚାୟତର ଅଧକାଂଶ ଜାଗାକୁ ଏକ ରାଲିରେ ବାହାରି ଥିଲେ ଏବଂ ହିଳା ସଶକ୍ତିକରଣ ଉପରେ ନାରା ଦେଇଥିଲେ । ଶେଷରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଅନେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ମହିଳା ସଶକ୍ତିକରଣ ଓ ମିଶନ ଶକ୍ତି ଉପରେ ଆଲୋଚନା କରାଯାଇଥିଲା । ଶେଷରେ ଆଶ୍ୱାୟାର ତରଫରୁ ଅରୁଣ କୁମାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଦାନ୍ତ ଆଲୁମିନିୟମର ସଫଳତା କ୍ଷେତ୍ରରେ ଏହାର ଚମତ୍କାରି ମହିଳାଙ୍କ ଉଲ୍ଲେଖନୀୟ ଅବଦାନ

ଭୁବନେଶ୍ୱର: ବେଦାନ୍ତ ଲିମିଟେଡର ଆଲୁମିନିୟମ ଏବଂ ପାୱାର ବ୍ୟବସାୟର ସଫଳତା କ୍ଷେତ୍ରରେ କର୍ମଚାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାଜିଛନ୍ତି । ସେମାନଙ୍କର ଯୋଗଦାନ କମ୍ପାନୀର ବିଭିନ୍ନ କ୍ଷେତ୍ରରେ ଅପରିହାର୍ଯ୍ୟ ହୋଇପଡ଼ିଛି । ବେଦାନ୍ତ ବିଶ୍ୱର ଅଗ୍ରଣୀ ପ୍ରାକୃତିକ ସମ୍ପଦ କମ୍ପାନୀ ଏବଂ ଭାରତର ବୃହତମ କମ୍ପାନୀ ଭାବେ ବେଶ୍ ପରିଚିତି ହାସଲ କରି ପାରିଛି । ବେଦାନ୍ତର ଆଲୁମିନିୟମ ଏବଂ ପାୱାର ବ୍ୟବସାୟ ହେଉଛି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ଏବଂ ଘରୋଇ କ୍ଷେତ୍ରରେ ବୃହତମ ପାୱାର ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦନଗୁଡିକ ଏରୋସ୍ପେସ୍ ଠାରୁ ଆରମ୍ଭ କରି ବିଦ୍ୟୁତିକରଣ ଆଦି ପ୍ରମୁଖ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଗ୍ରଣୀ କରିପାରିଛି । କମ୍ପାନୀର ବଜାର, ଗ୍ରାହକ ଏବଂ ବ୍ୟବସାୟ ବହୁବିଧ ତଥା ସଂଯୁକ୍ତ । ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ, ବିଭିନ୍ନ ଦୃଷ୍ଟିକୋଣ, ଅଭିଜ୍ଞତା, ଦକ୍ଷତା ଏବଂ ଶିକ୍ଷା କ୍ଷେତ୍ରରୁ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଯାହାଦ୍ୱାରା କମ୍ପାନୀର ବ୍ୟବସାୟିକ ରଣନୀତି ବେଶ୍ ସଶକ୍ତ ହୋଇପାରିଛି । ସାଧାରଣତଃ ଉତ୍ପାଦନ ଏବଂ ଭାରି ଇଞ୍ଜିନିୟରିଂ ସେଗମେଂଟ୍‌ରେ ମହିଳାଙ୍କ ନିଯୁକ୍ତି ସଂଖ୍ୟା କମ୍ ରହିଛି । ଧାତୁ ଏବଂ ଖଣି କ୍ଷେତ୍ରରେ ଏଭଳି ସମସ୍ୟା ଅଧିକ । ଏପରିସ୍ଥଳେ ବେଦାନ୍ତର ଆଲୁମିନିୟମ୍ ଏବଂ ପାୱାର ବ୍ୟବସାୟରେ ବହୁ ଉଚ୍ଚଶିକ୍ଷିତ ମହିଳା ଧାତୁ ଉତ୍ପାଦନ, ପରିବହନ, ସିଭିଲ୍ ୱାର୍କ ଏବଂ ରେଳ ଭିତିଭୂମି ଠାରୁ ଆରମ୍ଭ କରି ଅର୍ଥ, ସୁରକ୍ଷା ଏବଂ ବିଭିନ୍ନ ସାମଗ୍ରୀ କ୍ରୟ କ୍ଷେତ୍ରରେ ବହୁ ସଂଖ୍ୟାରେ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଓଡିଶାରେ ବେଦାନ୍ତର ପ୍ଲାଂଟ୍‌ରେ ଏକ ମହିଳା-ଅଗ୍ନିଶମ ଦଳ କାର୍ଯ୍ୟ କରୁଛନ୍ତି । ମହିଳାମାନଙ୍କ ପାଇଁ ଏକ ଅଣପାରମ୍ପରିକ କ୍ଷେତ୍ର ଭାବେ ବିବେଚନା କରାଯାଉଥିବା ବ୍ୟବସାୟ ପରିଚାଳନା କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଆଖି ଦୃଶିଆ ରହିଛି ଏବଂ ଦେଶର କେତେକ ଦୁର୍ଗମ ଅଂଚଳରେ ଉଚ୍ଚ ପ୍ରଶିକ୍ଷିତ ମହିଳା କର୍ମଚାରୀ ବେଶ୍ ସଫଳ ହୋଇପାରିଛନ୍ତି । ଏହି ପ୍ରସଙ୍ଗରେ ବେଦାନ୍ତ ଲିମିଟେଡ୍‌ର ଆଲୁମିନିୟମ୍ ବ୍ୟବସାୟର ଡେପୁଟି ସିଇଓ ରାହୁଲ ଶର୍ମା କହିଲେ, ବେଦାନ୍ତ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀଙ୍କ ପ୍ରତ୍ୟେକ ଭୂମିକାକୁ ଗୁରୁତ୍ୱ ପ୍ରଦାନ କରିଥାଏ । କମ୍ପାନୀ ପାରମ୍ପରିକ ଲିଙ୍ଗ ଭେଦକୁ ସ୍ୱୀକାର କରି ନ ଥାଏ । କମ୍ପାନୀର ଅପରେଶନ୍ ଏବଂ ରକ୍ଷଣାବେକ୍ଷଣ, ସୁରକ୍ଷା, ଆର୍ ଆଣ୍ଡ୍ ଡି ମାର୍କେଟିଂ, ଫାଇନାନ୍ସ ଏବଂ ମାନବ ସମ୍ବଳ, ଜନସମ୍ପର୍କ, କ୍ରେନ୍ ଏବଂ ସ୍ମେଲଟର ପଟ୍ ଟେଣ୍ଡିଂ ମେସିନ୍ ଅପରେଟିଂ ଆଦି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଛନ୍ତି । ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀଭାବେ ବେଦାନ୍ତ ଯୋଗ୍ୟତା, ଉତ୍କର୍ଷତା, ସକାରାତ୍ମକ ପ୍ରତିଦ୍ୱନ୍ଦ୍ୱିତା ଏବଂ ସର୍ବୋପରି ଏକ ଅଭିନବ ମନୋଭାବ ତଥା ସୃଜନଶୀଳତାକୁ ଗୁରୁତ୍ୱ ପ୍ରଦାନ କରିଥାଏ । କମ୍ପାନୀର ଆଭିମୁଖ୍ୟକୁ ନିମ୍ନରେ ବର୍ଣ୍ଣନା କରାଯାଇଛି:

+ ମହିଳାମାନଙ୍କୁ କମ୍ପାନୀର ଅନ୍ୟ ସମସ୍ତ କର୍ମଚାରୀଙ୍କ ପରି, ସେମାନଙ୍କର ମନୋଭାବ ଏବଂ ଶିଖିବାର ଇଚ୍ଛା, ଶିକ୍ଷାଗତ ଏବଂ ବୈଷୟିକ ଯୋଗ୍ୟତା ଆଧାରରେ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଏହା ପରେ ସେମାନଙ୍କୁ ବିଶ୍ୱସ୍ତରୀୟ ବିଶେଷଜ୍ଞ ମାନଙ୍କ ମାଧ୍ୟମରେ ସର୍ବୋତମ ତାଲିମ ଯୋଗାଇ ଦିଆଯାଇଥାଏ । ଯାହାଦ୍ୱାରା ସେମାନେ ବିଭିନ୍ନ ପର୍ଯ୍ୟାୟରେ ପରିକଳ୍ପିତ ଇକୋସିଷ୍ଟମ୍‌ରେ ସଫଳ ହେବାର ସମ୍ଭବନା ଅଧିକ ରହିଥାଏ ।

+ ତୃତୀୟତଃ, ବେଦାନ୍ତରେ ନିଯୁକ୍ତ କର୍ମଚାରୀଙ୍କୁ ଚାକିରିର ନିଯୁକ୍ତି ସମ୍ପର୍କିତ କାର୍ଯ୍ୟଶୈଳୀର ବିଷୟବସ୍ତୁ ଏବଂ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ । ଯାହାକି କମ୍ପାନୀର ଗୁପ୍ତ ପରିକଳ୍ପନା ପରି ମନେହୁଏ । ବାସ୍ତବରେ ଏହା କର୍ମଚାରୀଙ୍କୁ ଆକର୍ଷିତ କରିଥାଏ ଏବଂ ପ୍ରତିଭାର ବିକାଶ ପାଇଁ ଆବଶ୍ୟକ ସହାୟତା ଉପଲବ୍ଧ ହୋଇ ପାରିଥାଏ । ସଶକ୍ତିକରଣ ପାଇଁ ଭୂମିକା ପରିକଳ୍ପନା କରାଯାଇଥାଏ । ଏହା ସହିତ ସମ୍ପ୍ରତି ଆଲୁମିନିୟମ୍ ବ୍ୟବସାୟ ଏକ ଉଲ୍ଲେଖନୀୟ ମୋଡ଼ ଦେଇ ଗତି କରୁଛି । ତେଣୁ ଏହି କ୍ଷେତ୍ରରେ ବହୁ ନୂତନତ୍ୱ, କାର୍ଯ୍ୟଶୈଳୀର ନୂତନ ଉପାୟ, ପ୍ରକୃତ ବିବିଧତା ଏବଂ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ଷେତ୍ର ପାଇଁ ବିପୁଳ ସୁଯୋଗ ରହିଛି । ଯାହାକି ବହୁ ଅଜଣା ବିଷୟରେ ଶିକ୍ଷା ଏବଂ ବିଶ୍ୱସ୍ତରୀୟ ସର୍ବଶ୍ରେଷ୍ଠ କାର୍ଯ୍ୟଶୈଳୀ ସମ୍ପର୍କରେ ଅବଗତ କରାଇଥାଏ । ଯେହେତୁ କମ୍ପାନୀ କ୍ରମାଗତ ଭାବରେ ବିକାଶ ଧାରା ଜାରି ରଖିଛି, ତେଣୁ ନୂତନ ଉତ୍ପାଦର ବିକାଶ ଏବଂ ଏହାର କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରଣ ସହିତ ବେଦାନ୍ତର କାର୍ଯ୍ୟ-ସଂସ୍କୃତିରେ ଷ୍ଟାର୍ଟ ଅପ୍ ର ଉତ୍ସାହ ଏବଂ ବୃହତ ବିଶ୍ୱସ୍ତରୀୟ ସଂଗଠନ ଲକ୍ଷ୍ୟ ନେଇ କାର୍ଯ୍ୟ ଧାରା ଜାରି ରହିଛି । କମ୍ପାନୀର ଉତ୍ପାଦନ କାରଖାନା ଓଡିଶା ଏବଂ ଛତିଶଗଡ ଆଭ୍ୟନ୍ତରୀଣ ଅଂଚଳରେ ରହିଛି । ସେଠାରେ କାର୍ଯ୍ୟ କରୁଥିବା ମହିଳାମାନେ ଦକ୍ଷ, ଉଚ୍ଚାଭିଳାଷୀ ଏବଂ ସୁପରିଚାଳିତ । ସେମାନେ ମୁଖ୍ୟ କାର୍ଯ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି କମ୍ପାନୀର ବ୍ୟବସାୟିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛନ୍ତି । ସେମାନଙ୍କ ଏଭଳି ଉଲ୍ଲେଖନୀୟ ଅବଦାନ ପାଇଁ ବେଦାନ୍ତ ଗର୍ବିତ ।ସିଭିଲ୍ ପ୍ରୋଜେକ୍ଟଗୁଡିକର ପରିଚାଳନାରେ ୧୪ ବର୍ଷରୁ ଅଧିକ ଅଭିଜ୍ଞତା ସହିତ ଜ୍ୟୋତି ଆର. କ୍ରିଷ୍ଣା ଓଡିଶାର ଝାରସୁଗୁଡାସ୍ଥିତ ବେଦାନ୍ତର ଆଲୁମିନିୟମ୍ କମ୍ପ୍ଲେକ୍ସରେ ସିଭିଲ୍ ୱାର୍କ ଇନଫ୍ରାଷ୍ଟ୍ରକଚର ଏବଂ ରେଳ ପ୍ରକଳ୍ପରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି । ଜ୍ୟୋତିଙ୍କ ଦୃଢ଼ ବିଶ୍ୱାସ ଯେ, ବେଦାନ୍ତର ବ୍ୟବସାୟରେ ପରିଚାଳନା ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । କମ୍ପାନୀ ଆଲୁମିନିୟମ ଉତ୍ପାଦନ କରିଥାଏ ଯାହାକି ଭାରତର ଆତ୍ମନିର୍ଭରଶୀଳତା ଲାଗି ବେଶ୍ ଗୁରୁତ୍ୱପୂର୍ଣ୍ଣ । ସେ ଏବଂ ତାଙ୍କ ସହକର୍ମୀ ଦେଶ ସେବା ଲକ୍ଷ୍ୟ ନେଇ କାର୍ଯ୍ୟ କରିଥାନ୍ତି । ଯାହାଦ୍ୱାରା ଦେଶରେ ଯେଭଳି ଆଲୁମିନିୟମ୍ ଭଳି ଗୁରୁତ୍ୱପୂର୍ଣ୍ଣ କଂଚାମାଲର ଅଭାବ ପରିଲକ୍ଷିତ ହେବ ନାହିଁ । ଏହି ମିଶନ୍ ଲକ୍ଷ୍ୟ ବ୍ୟକ୍ତିଗତ ତଥା ଜଣେ ପେଶାଦାର କର୍ମଚାରୀ ଭାବେ ତାଙ୍କୁ ଉତ୍ସାହିତ କରିଥାଏ ବୋଲି ସେ କହନ୍ତି । ବେଦାନ୍ତର ଝାରସୁଗୁଡା ପ୍ଲାଂଟ୍ ବିଶ୍ୱର ସର୍ବ ବୃହତ ଆଲୁମିନିୟମ ସ୍ମେଲଟର ମଧ୍ୟରୁ ଅନ୍ୟତମ । ଏଠାରେ ଭାରତରେ ଉତ୍ପାଦିତ ହେଉଥିବା ଏକ ତୃତୀୟାଂଶରୁ ଅଧିକ ଆଲୁମିନିୟମ ଉତ୍ପାଦନ କରିଥାଏ । ବେଦାନ୍ତର ଆଲୁମିନିୟମ ବ୍ୟବସାୟର କୋଇଲା କ୍ରୟ ଏବଂ ଚୁକ୍ତିନାମା ମୁଖ୍ୟ ବସୁଧା ସିଙ୍ଘଲ, ଇଲେକ୍ଟ୍ରୋନିକ୍ସ ଇନଷ୍ଟ୍ରୁମେଂଟସନ୍ ଆଣ୍ଡ କଂଟ୍ରୋଲରେ ଇଞ୍ଜିନିୟରିଂ ଡିଗ୍ରୀ ସମାପ୍ତ କରିବା ପରେ, ବହୁ ଉତ୍ପାଦନକାରୀ କମ୍ପାନୀର କ୍ୟାମ୍ପସ ପ୍ଲେସମେଂଟ ପରୀକ୍ଷା ଏବଂ ସାକ୍ଷାତକାରରେ ଯୋଗଦେଇଥିଲେ । ତେବେ ସେସବୁ ପୁରୁଷମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ସମ୍ପୃକ୍ତ କମ୍ପାନୀ ବସୁଧାଙ୍କୁ ମନା କରିଦେଇଥିଲେ । କେବଳ ବେଦାନ୍ତ ଆଲୁମିନିୟମ ଏବଂ ପାୱାର ତାଙ୍କୁ ପ୍ଲେସମେଂଟ୍ ପ୍ରକ୍ରିୟା ଦେଇ ଯିବାକୁ ଉତ୍ସାହିତ କରିଥିଲେ । ତାଙ୍କ ସାମର୍ଥ୍ୟକୁ ହୃଦୟଙ୍ଗମ କରି ବେଦାନ୍ତ ପକ୍ଷରୁ ବସୁଧାଙ୍କୁ ରକ୍ଷଣାବେକ୍ଷଣ ଇଞ୍ଜିନିୟର ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା । ଉତ୍ପାଦନ ପ୍ରକ୍ରିୟାର ବିଭିନ୍ନ ଦିଗ ଜାଣିବା ପାଇଁ ବସୁଧାଙ୍କ ଆଗ୍ରହ ଯୋଗୁ ପରବର୍ତୀ ସମୟରେ ତାଙ୍କୁ ନିରାପତା ବିଭାଗରେ ନିଯୁକ୍ତି ମିଳିଥିଲା । ସୁରକ୍ଷା ହେଉଛି ବେଦାନ୍ତର ଶୀର୍ଷ ପ୍ରାଥମିକତା । ବସୁଧା ସଂଗଠନର ସୁରକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିଥିଲେ । ବେଦାନ୍ତର ଝାରସୁଗୁଡା ପ୍ଲାଂଟର ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଅନସୀ କୁଜୁର ତାଙ୍କ କାର୍ଯ୍ୟ କାଳରେ ସମ୍ମୁଖୀନ ହେଉଥିବା ଏକାଧିକ ଆହ୍ୱାନର ମୁକାବିଲା ପଛଘୁଂଚା ନ ଦେଇ ସାହସର ସହିତ ସମ୍ପନ୍ନ କରିଛନ୍ତି । ଅପରାଧୀ, ସାମଗ୍ରୀ ଚୋରି ଉଦ୍ୟମ, ଅସ୍ତ୍ରଶସ୍ତ୍ରଧାରୀ ଅନୁପ୍ରବେଶକାରୀଙ୍କ ସଫଳ ମୁକାବିଲା ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ଶାନ୍ତ, ନିର୍ଭୟ ଏବଂ ବୁଦ୍ଧିମତା ଦ୍ୱାରା ସମାଧାନ କରିବାରେ ସଫଳତା ହାସଲ କରିଛନ୍ତି । ସେ ସର୍ବଦା ହସହସ ମୁହଁରେ ପ୍ରତିଟି କାର୍ଯ୍ୟ କରିଥାନ୍ତି । ବେଦାନ୍ତ ବିଶ୍ୱାସ କରେ ଯେ, କମ୍ପାନୀର ମହିଳା କର୍ମଚାରୀମାନେ ବୃତିଗତ ଭାବେ ଯୋଗ୍ୟ ଏବଂ ସେମାନଙ୍କ ଭୂମିକା ବେଶ୍ ଅଭିଜ୍ଞ । ଏହା ସହିତ ସେମାନଙ୍କର ବିଭିନ୍ନ ଦୃଷ୍ଟିକୋଣ, ବୈଷୟିକ ଦକ୍ଷତା, ସହାନୁଭୂତି, କରୁଣା ଏବଂ ସଜାଗ ଏକନିଷ୍ଠ ଭାବ ଶିଳ୍ପକ୍ଷେତ୍ରର କାର୍ଯ୍ୟଶୈଳୀରେ ଏକ ନୂତନତ୍ୱ ଆଣିଥାଏ । ସେମାନଙ୍କଠାରେ ପାରମ୍ପରିକ ପୁରୁଷ ପ୍ରାଧାନ୍ୟ ଶିଳ୍ପରେ କାର୍ଯ୍ୟ କରିବାର ଉତ୍ସାହ ରହିଛି । ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଯୋଜନା ଦ୍ୱାରା ମୁଖ୍ୟ ଶିଳ୍ପ କ୍ଷେତ୍ରରେ ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି । ଏବେ ସମୟ ଆସିଛି, ଯାହାକି ମହିଳା କର୍ମଚାରୀଙ୍କ ପ୍ରତିଭା ତଥା ସୃଜନଶୀଳ ଯୋଗ୍ୟତା ଆଧାରରେ ସେମାନଙ୍କୁ ଏସବୁ କ୍ଷେତ୍ରରେ ନିଯୁକ୍ତି ଯୋଗାଇ ଦିଆଯିବାର ପ୍ରୟାସ କରାଯିବା ଆବଶ୍ୟକ ।

## ଶିଶୁ ମଙ୍ଗଳ କମିଟି ସହଯୋଗରେ ନିଜ ଘରକୁ ଫେରିଲା ବିହାରୀ ନାବାଳକ

କେନ୍ଦ୍ରାପଡ଼ା : ଉଦ୍ଦେଶ୍ୟହୀନ ଭାବେ ନିଜ ଘରୁ ପଳାଇ ଆସିଥିବା ନାବାଳକକୁ କେନ୍ଦ୍ରାପଡା ସିଡବ୍ଲୁସି ସହାୟତାରେ ବିହାର ସ୍ଥିତ ନିଜ ଘରକୁ ପଠାଇ ଦିଆଯାଇଛି । ଜିଲ୍ଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତା ମାନେ ଏହି ନାବାଳକକୁ ଦୁଇମାସ ଧରି ନିଜ ହେପାଜତ ରେ ରଖିବା ସହ ତା ପରିବାର ସହ ଯୋଗାଯୋଗ କରି ଗୁରୁବାର ତାକୁ ଘରକୁ ପଠା ଯାଇଛି । ଘଟଣା ମୁତାବକ ବିହାର ରାଜ୍ୟର ଲକିସରାଇ ଜିଲ୍ଲାର ବୃନ୍ଦାବନ ଗ୍ରାମର ରାହୁଲ କୁମାର (୧୫) ସାମନ୍ୟ ମାନସିକ ଭିନ୍ନକ୍ଷମ ହୋଇଥିବା ବେଳେ କୌଣସି କାରଣରୁ ନିଜ ଘରୁ ପଳାଇ ଆସି କେନ୍ଦ୍ରାପଡା ସହରରେ ଅସହାୟ ଅବସ୍ଥାରେ ବୁଲାବୁଲି କରୁଥିଲା । ପୁରୁଣା ବସଷ୍ଟାଣ୍ଡ ଅଂଚଳରେ କିଛିଦିନ ବୁଲାବୁଲି କରିବା ପରେ ଟାଉନଫାଣ୍ଡି ଜମାଦାର ନରେନ୍ଦ୍ରନାଥ ସୋରେନଙ୍କ ସହଯୋଗରେ ଶିଶୁ ମଙ୍ଗଳ କମିଟିର ମାର୍ଫତରେ ଦିଆଯାଇ ଥିଲା । କମିଟି ପକ୍ଷରୁ ବିକାଶ ସାମଲ ଓ ପୋଲିସ କର୍ମଚାରୀ ଆଶିଷ ରଞ୍ଜନ ଆଚାର୍ଯ୍ୟ ରାହୁଲକୁ ସାଙ୍ଗରେ ନେଇ ବିହାର ରେ ଥିବା ତାଙ୍କ ଘରକୁ ଯାଇଥିବା ଜଣାପଡିଛି । ବିଦାୟ ସମୟରେ ସିଡବ୍ଲୁସି ଚେୟାରମ୍ୟାନ ଭଗବତୀ ପ୍ରସାଦ ଦାସ, ସ୍ମିତାଞ୍ଜଳୀ ମହାପାତ୍ର, ବାଦଲ କୁମାର ଦାସ ପ୍ରମୁଖ ଉପସ୍ଥିତ୍ର ଥିଲେ ।

## କୋର୍ଟ ପରିସରରେ ମିଳୁନି ପାନୀୟଜଳ, ନାହିଁ ଶୌଚାଳୟ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ର ନୂତନ କୋର୍ଟ କମ୍ପେକ୍ସ ପରିସରରେ ପାନୀୟଜଳ ର ସୁବିଧା ନଥିବାରୁ ଆଇନଜୀବି , ମୋହରିର ଓ ଦୂର ଦୁରାନ୍ତରୁ ଆସୁଥିବା ଲୋକମାନେ ପିଇବା ପାଣି ଟୋପାକ ପାଇଁ ନାନା ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି । ଏହି ୪ମହଲା ବିଶିଷ୍ଟ କୋଠାରେ କୋର୍ଟକାର୍ଯ୍ୟ ପରିଚାଳନା ହେଉଥିବା ବେଳେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଦୈନିକ ଶହ ଶହ ମହକିଲ କୋର୍ଟ କାର୍ଯ୍ୟରେ ଅଦାଲତକୁ ଆସିଥାନ୍ତି । ଏହା ମଧ୍ୟରେ ପରିବାର ଅଦାଲତ ଚାଲି ଥିବାରୁ ବହୁ ସଂଖ୍ୟକ ମହିଳା ମହକିଲ ପାଣି ପିଇବା ପାଇଁ ନିକଟବର୍ତୀ ଦୋକାନ ବଜାରକୁ ଯାଉଥିବା ଦେଖିବାକୁ ମିଳୁଛି । କୋର୍ଟ ପରିସର ରେ ସାଧାରଣ ଲୋକଙ୍କ ପାଇଁ ପିଇବାପାଣି ଓ ଶୌଚାଳୟ ବ୍ୟବସ୍ଥା କରିବାକୁ ଆଇନଜୀବି ମୋହନ ସାହୁ, ଗଗନ ଜେନା, ଗଗନ ରାଉତ, ତାରିଣି ପଟଜୋସୀ, ସେକ ଅଜିମୁଦ୍ଦିନ, ଗୋଲଖ ରାଉତ, ଶାନ୍ତି ସ୍ୱରୂପ ଭୁୟାଁ, ଚୈତନ୍ୟ ଚରଣ ମଳିକ ପ୍ରମୁଖ ଦାବି କରିଛନ୍ତି ।




# ସାତଦିନ ଜୀବିତ ରହିବ ଲିଭର !



ସ୍ୱିଜରଲ୍ୟାଣ୍ଡର ଇଟିଏର କୁରିକ୍ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ଅନୁଯାୟୀ ନୂତନ ଟେକ୍ନୋଲୋଜି ଦ୍ୱାରା ଲିଭରରେ ହୋଇଥିବା ତ୍ରୁଟିକୁ ସୁଧାରି ଏହାକୁ ପୁଣି କାର୍ଯ୍ୟକାରୀ କରାଯାଇପାରିବ। ଏହା ବିଭିନ୍ନ ପ୍ରକାର କ୍ୟାନସର ଏବଂ ଲିଭର ରୋଗୀଙ୍କ ଜୀବନ ବଞ୍ଚାଇବାରେ ସହଯୋଗୀ ସାବ୍ୟସ୍ତ ହେବ। ଏହି ଡିଭାଇସ ସମ୍ପର୍କରେ ନେଚର ବାୟୋଟେକ୍ନୋଲୋଜିରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରାଯାଇଛି। ଏହା ଏକ ଜଟିଳ ପରଫ୍ୟୁଜନ ସିଷ୍ଟମ ଯାହା ସହାୟତାରେ ଅଙ୍ଗକୁ ଶରୀର ଅନୁକୂଳ କାର୍ଯ୍ୟ କରିବାରେ ସହାୟତା ମିଳିଥାଏ। ପରଫ୍ୟୁଜନ ସିଷ୍ଟମ ଜରିଆରେ ରକ୍ତବାହି ନାଳିକାଗୁଡ଼ିକରେ ରକ୍ତ ପ୍ରବାହ ଜାରି ରଖାଯାଇପାରେ। ଇଟିଏଚ୍ ଲୁରିକ୍ର ଗବେଷକମାନେ ଏବଂ ଏହି ଅଧ୍ୟୟନର ସହ ଲେଖକ ପିୟରେ ଏଲେନ୍ କ୍ଲେବିନ୍ କହିଛନ୍ତି ଚାରିବର୍ଷ ପରିଶ୍ରମ ପରେ ବର୍ତ୍ତମାନ ପରଫ୍ୟୁଜନ ସିଷ୍ଟମ ଏହି ଅବସ୍ଥାରେ ପହଞ୍ଚିଛି। ଏହାର ସଫଳତା ପଛରେ ସର୍ଜନ, ଜୀବବିଜ୍ଞାନୀ ଏବଂ ଇଞ୍ଜିନିୟରମାନଙ୍କର ଗୋଟିଏ ସମୂହର କଠିନ ପରିଶ୍ରମ ରହିଛି। ଏହି ବ୍ୟବସ୍ଥା ଅଙ୍ଗ ପ୍ରତ୍ୟାରୋପର ଏବଂ କ୍ୟାନସର ଚିକିତ୍ସା କ୍ଷେତ୍ରରେ ନୂତନ କ୍ରାନ୍ତି ଆଣିପାରିବ। ସେ କହିଥିଲେ ଯେ ୨୦୧୫ରେ ଯେତେବେଳେ ଆମେ ଏହି ବ୍ୟବସ୍ଥା ଉପରେ କାମ କରିବା ଆରମ୍ଭ କଲୁ ସେତେବେଳେ ଲିଭରକୁ ମେସିନ ଜରିଆରେ କେବଳ ୧୨ ଘଣ୍ଟା ଜୀବିତ ରଖାଯାଇପାରୁଥିଲା। କିନ୍ତୁ ବର୍ତ୍ତମାନ ଏହି ବ୍ୟବସ୍ଥାରେ ଅତିକମ୍‌ରେ ସାତ ଦିନ ପର୍ଯ୍ୟନ୍ତ ଜୀବିତ ରହିପାରିବ। ଏହାର ସହାୟତାରେ ଲିଭରରେ ପୂର୍ବରୁ ଥିବା ଆଘାତ ମରାମତି କରିବା ସହ ଏଥିରେ ଜମା ହୋଇଥିବା ଫ୍ୟାଟ୍ ମଧ ସଫା କରାଯାଇପାରିବ। ସେ କହିଥିଲେ ଯେ, ଏହି ଟେକ୍ନୋଲୋଜିର ସୁଫଳ ଦୂରଗାମୀ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ବିଶେଷ ଭାବରେ ମିଳିପାରିବ। କାରଣ ଅନେକ ସମୟରେ ଅଙ୍ଗର ପରିବହନରେ ଅଧିକ ସମୟ ଲାଗିଯାଏ। ଯେକୌଣସି ଅଙ୍ଗ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଶରୀର ବାହାରେ ଜୀବିତ ରହିପାରେ। ଏହାପରେ ତାର କୋଷଗୁଡ଼ିକ ଉପରେ ପ୍ରଭାବ ପଡ଼େ। ଫଳରେ ଅଙ୍ଗ ପ୍ରତ୍ୟାରୋପଣରେ ବିଳମ୍ବ ହେଲେ ଉକ୍ତ ଅଙ୍ଗ ଖରାପ ହେବା କିମ୍ବା ପ୍ରତ୍ୟାରୋପଣ ହେଲେ କାମ ନକରିବାର ଆଶଙ୍କା ବଢ଼ିଯାଏ। ଇଟିଏଚ୍ ଜୁରିକ୍ର ଗବେଷକମାନେ କହିଛନ୍ତି ଯେ, ଆମର ପରିଯୋଜନା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ସବୁଠାରୁ ବଡ଼ ଆହ୍ୱାନ ଥିଲା ମେସିନ୍ ପାଇଁ ଏକ ସାଧାରଣ ଭାଷା ଖୋଜିବା। ଯାହାଦ୍ୱାରା ଚିକିତ୍ସକ ଏବଂ ଇଞ୍ଜିନିୟରମାନଙ୍କ ମଧ୍ୟରେ ଅବିରତ ଯୋଗାଯୋଗ ରକ୍ଷା ହୋଇପାରିବ। ପ୍ରକୃତରେ ଅନେକ ସମୟରେ ମେସିନର ଭାଷା ବୁଝିବା ପାଇଁ ଚିକିତ୍ସକମାନଙ୍କୁ ଭିନ୍ନ ଭାବରେ ଗୋଟିଏ ଶ୍ରେଣୀରେ ସାମିଲ ହେବାକୁ ପଡୁଥିଲା। ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଆମେ ମଝି ମଝିଆ ବାଟ ଖୋଜିଥିଲୁ ଏବଂ ନୂଆ ମେସିନ ପ୍ରସ୍ତୁତ କଲୁ। ଏହି ମେସିନର ଗୁରୁତ୍ୱ ଏଥିରୁ ବୁଝାପଡ଼େ ଯେ ଅଧ୍ୟୟନ ସମୟରେ ଗବେଷକମାନେ ୟୁରୋପର ଅଙ୍ଗ ପ୍ରତ୍ୟାରୋପଣ କେନ୍ଦ୍ରରେ ଯେଉଁ ଲିଭରଗୁଡ଼ିକୁ ଡାକ୍ତରମାନେ ସେଗୁଡ଼ିକର ମାନ ପରୀକ୍ଷା କରି ପ୍ରତ୍ୟାରୋପଣ ଯୋଗ୍ୟ ନୁହେଁ ବୋଲି ଘୋଷଣା କରିଥିଲେ ସେ ମଧ୍ୟରୁ ଛଅଟିକୁ ପରଫ୍ୟୁଜନ ସିଷ୍ଟମ ଜରିଆରେ ପୁଣିଥରେ ପ୍ରତ୍ୟାରୋପଣ ଯୋଗ୍ୟ କରାଯାଇଥିଲା। ତେଣୁ ଆଗାମୀ ଦିନରେ ଏହା ଅଙ୍ଗ ପ୍ରତ୍ୟାରୋପଣ କ୍ଷେତ୍ରରେ ଏକ ନୂତନ କ୍ରାନ୍ତି ଆଣିବ।



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,**
**ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ: ୯୪୩୭୦୫୧୯୫୭**

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଆମ୍ବେଦକର ଜୟନ୍ତୀ ପାଳିତ



କଟକ (ପିଏନ୍): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, କଟକ ନଗର ଶାଖା ତରଫରୁ ମହାନ ଜନନାୟକ ସାମାଜିକ ସମରସତାର ପ୍ରବକ୍ତା ଭାରତ ରତ୍ନ ଡ.ଭୀମରାଓ ରାମୋଜୀ ରାଓ ଆମ୍ବେଦକରଙ୍କ ୧୪୧ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ କଟକ ଉଚ୍ଚନ୍ୟାୟାଳୟ ସନ୍ନିକଟ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଏକ ସଭାର ଆୟୋଜନ ହୋଇଥିଲା । କଟକ ଜିଲ୍ଲା ସଂଘଚାଳକ ବିପିନ ବିହାରୀ ରାଉତ, ଧର୍ମ ଜାଗରଣ ସମନ୍ୱୟର କ୍ଷେତ୍ର ସଂଯୋଜକ ବିନୟ କୁମାର ଭୂୟାଁ, ପ୍ରାନ୍ତ ସଂପର୍କ ପ୍ରମୁଖ ଆଡଭୋକେଟ ସର୍ବେଶ୍ୱର ବେହେରା ତଥା ସଂଘର ପ୍ରାନ୍ତ ସଦ୍‌ଭାବନା ପ୍ରମୁଖ କୁମର ସାହୁ ମାଲ୍ୟାର୍ପଣ କରିଥିଲେ। କଟକ ନଗର କାର୍ଯ୍ୟବାହ କୁଳମଣି ପ୍ରଧାନ ଡ. ଆମ୍ବେଦକରଙ୍କ ସ୍ମୃତି ଚାରଣ କରିଥିଲେ । ଏହି ସଭାରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର କ୍ଷେତ୍ର ସଂଗଠନ ସଂପାଦକ ନାରାୟଣ ନାୟକ, ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡା, ହିନ୍ଦୁ ଜାଗରଣ ସାମ୍ମୁଖ୍ୟର ପ୍ରାନ୍ତ ସଂଯୋଜକ ତନ୍ମୟ କୁମାର ଦାଶ, ତପନ କୁମାର ଦାଶ, ଚିତ ରଂଜନ ମହାନ୍ତି ଓ ବିଘ୍ନେଶ୍ୱର ସାଇଁଙ୍କ ସମେତ କଟକର ସ୍ୱୟଂସେବକମାନେ ଅଂଶଗ୍ରହଣ କରିଥିଲେ।

## ବାରୋ ପଞ୍ଚାୟତର ମନରେଗା ମହାଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଂଚାୟତର ମନରେଗା ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଆଖିବୁଜା ଦୁର୍ନୀତି ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଥିବା ଗଣଧାରଣାକୁ ସି.ପି.ଆଇ. ଓ ସି.ପି.ଆଇ.(ଏମ) ସମର୍ଥନ କରି ଦଳର କର୍ମକର୍ତ୍ତାମାନେ ଧାରଣାସ୍ଥଳରେ ବସିଥିବା ଦେଖାଯାଇଥିଲା। କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନରେ ପ୍ରାପ୍ତ ତଥ୍ୟ ଅନୁଯାଇ ବ୍ଲକର ବିଡିଓଙ୍କ ନିର୍ଦ୍ଦେଶରେ ଏବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିପିଇଓ ଏବଂ ଏପିଓ ମିଳିତ ଭାବେ ପ୍ରଦାନ କରିଥିବା ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଛି ଯେ ବାରୋ ନବଦୋୟ ବିଦ୍ୟାଳୟ ପରିସରରେ ହୋଇଥିବା ମନରେଗା ପ୍ରକଳ୍ପ କର୍ଯ୍ୟରେ ବହୁ ବେଆଇନ କାର୍ଯ୍ୟ କରାଯାଇଥିବା ଉଲ୍ଲେଖ ରହିଛି। କିନ୍ତୁ ଅଦ୍ୟାବଧି ସେହି ରିପୋର୍ଟ ଉପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାବ୍ୟତିତ ସେହି ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମଧ ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଆସୁଛି। ବାରୋ ପଞ୍ଚାୟତରେ ହୋଇଥିବା ସମସ୍ତ ଦୁର୍ନୀତିର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସିପିଆଇ ଜିଲ୍ଲା ସାଧାରଣ ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସିପିଆଇ(ଏମ) ଜିଲ୍ଲା ସାଧାରଣ ସମ୍ପାଦକ ଗୟାଧର ଧଳ, ବାବାଜୀ ଧଳ, ଆଦିକନ୍ଦ ରାଉଳ ପ୍ରମୁଖ କହିଛନ୍ତି।

## ଭାରତୀୟ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ

କଟକ (ପିଏନ୍): ଭାରତୀୟ ସଂସ୍କୃତି ପ୍ରଚାର ସମିତି ତରଫରୁ ହିନ୍ଦୁ ନବବର୍ଷ ଉପଲକ୍ଷେ ଚଣ୍ଡିମନ୍ଦିର ମାର୍ଗସ୍ଥିତ ସଂସ୍କୃତି ଭବନଠାରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପଣ୍ଡିତ ନୃସିଂହ ଚରଣ ପଣ୍ଡା କହିଲେ ଯେ, ଆମ ପରମ୍ପରା ଅନୁସାରେ ଚୈତ୍ର ଶୁକ୍ଳ ପ୍ରତିପଦା ସୃଷ୍ଟିର ପ୍ରଥମ ଦିବସ ହୋଇଥିବାରୁ ଆମେ ଏହାକୁ ନବବର୍ଷର ମାନ୍ୟତା ଦେଇଥାଉ। ଆମ ପାଇଁ ଏହି ଦିନର ପ୍ରାକୃତିକ, ଐତିହାସିକ, ଆଧାତ୍ମିକ ଓ ସାଂସ୍କୃତିକ ମହତ୍ୱ ରହିଛି। ଆମ କାଳଗଣନାକୁ ସମ୍ମାନ ଜଣାଇ ଜାନୁଆରି ପହିଲା ବଦଳରେ ଚୈତ୍ର ଶୁକ୍ଳ ପ୍ରତିପଦାକୁ ନବବର୍ଷ ରୂପେ ପାଳନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସମିତିର ସଭାପତି ଡକ୍ଟର ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ସହପ୍ରାନ୍ତ ପ୍ରଚାରକ ସୃଷ୍ଟିଧର ବିଶ୍ୱାଳ, ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡ଼ା, 'ରାଷ୍ଟ୍ରଦୀପ'ର ସମ୍ପାଦକ ଚିତରଞ୍ଜନ ମହାପାତ୍ର ଆଡ଼ଭୋକେଟ ରାଧେଶ୍ୟାମ ଚିମନକା, ଅଧାପିକା କୃଷ୍ଣପ୍ରିୟା ବେହେରା, ସତ୍ୟନାରାୟଣ ମିଶ୍ର କମଲ ଦତ ପ୍ରମୁଖ ଯୋଗଦେଇ ହିନ୍ଦୁ ନବବର୍ଷର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ।

## ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

ତିହିଡ଼ି (ପିଏନ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କୁବେରା ପଂଚାୟତ ଅଧୀନ ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁରୁମା' ପୂର୍ଣ୍ଣିମା ଖଟୁଆ, ରଶ୍ମିତା ନାୟକ, ପ୍ରତିଭାରାଣୀ ସାହୁ ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଓ ଗୁରୁମା'ମାନେ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ଭୂମିପୂଜନ, ହୋମଯଜ୍ଞ, କୃଷକମାନଙ୍କ ଦ୍ୱାରା ମାଟି ସଂଗ୍ରହ, ଗୋମାତାପୂଜନ କାର୍ଯ୍ୟ ଦ୍ୱାରା ରାଷ୍ଟ୍ରୀୟ ନବବର୍ଷ ଉତ୍ସବ ପାଳନ

ବୋଲଗଡ଼ (ପିଏନ୍): ବ୍ଲକ ଶିକ୍ଷା ଅଧୀନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ଭୂମିପୂଜନ, ହୋମଯଜ୍ଞ, କୃଷକମାନଙ୍କ ଦ୍ୱାରା ମାଟି ସଂଗ୍ରହ, ଗୋମାତା ପୂଜନ କାର୍ଯ୍ୟ ସମାପନ କରଯାଇଥିବା ବେଳେ ପୂର୍ବାହ୍ନରେ ବୃକ୍ଷରୋପଣ ଓ ଜୈବିକ ସାର ପ୍ରୟୋଗ ଉପାଦେୟତା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତକାର୍ଯ୍ୟକ୍ରମରେ ୬ ଗୋଟି ପଂଚାୟତର ବହୁ କୃଷକ ଓ ଗୋପାଳକ ଯୋଗଦେଇଥିଲେ। ଏଥିରେ ପଂଚବଟୀ ଗୋ-ଅନୁସନ୍ଧାନ କୋସ୍ଥାର ମୁଖ୍ୟ କମାଲ ଦାସ ଶର୍ମା ଯୋଗଦେଇ ଗୋପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିରଂଚି କୁମାର ସାହୁ ପରିଚାଳନା କରିଥିଲେ। ଏଥିରେ ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମା' ସହଯୋଗ କରିଥିଲେ।

## କଳମଛୁଇଁ ଶିଶୁମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ

ତାଳଚେର (ପିଏନ୍): ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦିବାକର ବାରିକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ଅନୁଗୋଳ ବିଭାଗ ନିରୀକ୍ଷକ ବିଜନ କୁମାର ଜେନା,ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ଗିରୀଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଗୈରିକ ଧ୍ୱଜା ଉତୋଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ବରିଷ୍ଠ ଆଚାର୍ଯ୍ୟ କୁମୁଦ ଚନ୍ଦ୍ର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନାଚାର୍ଯ୍ୟ ଶ୍ରୀ ଦେହୁରୀ ରାଷ୍ଟ୍ରୀୟ ନବବର୍ଷ ପାଳନ କରିବାର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଜେନା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାତା ଡ.କେଶବ ବଳିରାମ ହେଡେଗେୱାରଙ୍କ ଜୀବନଦର୍ଶନ ଉପରେ ଆଲୋକପାତ କରିବା ସହ ଆଧୁନିକ ଭାରତ ଗଠନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଆଚାର୍ଯ୍ୟା ପ୍ରିୟଙ୍କା ବେହେରା ଓ ଗୀତାଞ୍ଜଳୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପର୍ଯ୍ୟାୟପ୍ରମୁଖ ତ୍ରିଲୋଚନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଆଚାର୍ଯ୍ୟ ମଳୟ କୁମାର ଦାସ,ବିକାଶ ଚନ୍ଦ୍ର ପ୍ରଧାନ,ଅଜୟ କୁମାର ସାହୁ,ସରସ୍ୱତୀ ସାହୁ,ବୀଣାପାଣି ବାରିକ,ସୁଶ୍ରୀ ତ୍ରୀପାଠୀ,ରଞ୍ଜୁବାଳା ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ,ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ସୂଚନାଯୋଗ୍ୟ, ପ୍ରତ୍ୟେକ ବର୍ଷ ଚୈତ୍ର ମାସ ଶୁକ୍ଳ ପକ୍ଷ ପ୍ରତିପଦା ତିଥିରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଉଥିବା ବେଳେ ପୌରାଣିକ ମତାନୁସାରେ ଆଜିର ଦିନରେ ସୃଷ୍ଟିକର୍ତା ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟିର ସର୍ଜନା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହାସହିତ ମର୍ଯ୍ୟଦା ପୁରୁଷୋତମ ଶ୍ରୀରାମ ତଥା ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ଆଜିର ଦିନରେ ହୋଇଥିବାରୁ ଏହି ଦିବସଟି ହିନ୍ଦୁମାନଙ୍କ ପାଇଁ ବିଶେଷ ମହତ୍ୱ ରଖିଥାଏ ।


# DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication


## ୧୦୮ ଦୀପ ପ୍ରଜ୍ୱଳନ କରି ନୂତନ ବର୍ଷକୁ ସ୍ୱାଗତ

ଅନୁଗୋଳ (ପିଏନ୍): ସନାତନ ସଂସ୍କୃତିର ମାନ୍ୟତାଅନୁସାରେ ଚୈତ୍ରଶୁକ୍ଳ ପ୍ରତିପଦା ଦିନ ସୃଷ୍ଟିର ରଚୟିତା ପରମପିତା ପରମେଶ୍ୱର ଭଗବାନ ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟି ରଚନା କରାଯାଇଥିଲା। ଏଣୁ, ଏହିଦିନକୁ ସୃଷ୍ଟିର ଆରମ୍ଭ ଦିବସ କୁହାଯାଏ। ଏହି ତିଥିରେ ଭଗବାନ ଶ୍ରୀରାମଚନ୍ଦ୍ର ଓ ଧର୍ମରାଜ ଯୁଧିଷ୍ଠିର ଓ ରାଜା ବିକ୍ରମାଦିତ୍ୟଙ୍କ ମଧ୍ୟ ରାଜ୍ୟାଭିଷେକ ହୋଇଥିବା ନେଇ ପୌରାଣିକ ମତ ରହିଥିବା କୁହାଯାଇଛି। ଏ କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ନବବର୍ଷ ପାଳନ କମିଟି ତରଫରୁ ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ମନ୍ଦିର ବାଇଶି ପାହାଚରେ ପ୍ରାତଃ ୫.୩୦ ସମୟରେ ସୂର୍ଯ୍ୟ ପୂଜା ସହିତ ୧୦୮ ଦିପ ପ୍ରଜ୍ୱଳନ କରି ନୂତନ ବର୍ଷକୁ ସ୍ୱାଗତ କରାଯାଇଥିଲା । ପରେ ପରେ କରୋନା ମହାମାରୀ କବଳରୁ ସାରା ବିଶ୍ୱକୁ ମୁକ୍ତି ଓ କଲ୍ୟାଣ ଉଦ୍ଦେଶ୍ୟରେ ଅଚ୍ୟୁତ-ଅନନ୍ତ-ଗୋବିନ୍ଦ ସମ୍ପୂର୍ଣ୍ଣ ଦ୍ୱାରା ବିଷ୍ଣୁ ସହସ୍ର ନାମ ପାଠ କରାଯାଇଥିଲା। ପରିଶେଷରେ ବେଦଭବନ ଠାରେ ଏକ ଧର୍ମ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ଜୀ ମହାରାଜ ଯୋଗଦେଇ ଆଜିର ଦିବସରେ ସୂର୍ଯ୍ୟ ପୃଥିବୀ ବକ୍ଷକୁ ଆଲୋକିତ କରିଥିଲେ ବୋଲି କହିଥିବା ବେଳେ ବିଭେଦତା ଭିତରେ ଅଭେଦତାର ଉତ୍‌ଥାନ ହିଁ ସଂସ୍କୃତି ବୋଲି ମତ ପ୍ରକାଶ କରିଥିଲେ। ଆହୁରି ମଧ୍ୟ ଶାସ୍ତ୍ରାନୁମୋଦିତ ଧର୍ମ ହିଁ ଶ୍ରେଷ୍ଠ ଧର୍ମ ଯାହା ସନାତନ ହିନ୍ଦୁ ଧର୍ମ ବୋଲି ମୁଖ୍ୟ ଅତିଥି ଦୃଢ଼ୋକ୍ତି ବାଢ଼ିଥିଲେ। ମୁଖ୍ୟ ବକ୍ତା ଭାବେ ଆଦିତ୍ୟ ବାହୀନୀ ମହାସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଯୋଗ ଦେଇଥିବା ବେଳେ ସ୍ୱାମୀ କୃଷ୍ଣାଦାସନନ୍ଦ ସରସ୍ୱତୀ, ସ୍ୱାମୀ ରାମାଶରଣାନନ୍ଦ ସ୍ୱରସ୍ୱତୀଜୀ, ବାବା ପ୍ରଭୂପାଦ ଦାସ ଜୀ, ସ୍ୱାମୀ ସ୍ୱରୁପାନନ୍ଦ ସ୍ୱରସ୍ୱତୀ ଜୀ ପ୍ରମୁଖ ସନାତନ ବୈଦିକ ପରମ୍ପରା ଉପରେ ମାର୍ଗ ଦର୍ଶନ କରିଥିଲେ। ପଣ୍ଡିତ ରୋହିତ କୁମାର ଦାସ ମଂଚ ସଂଯୋଜନା କରିଥବା ବେଳେ ଆଦିତ୍ୟ ବାହୀନୀ ଅନୁଗୋଳ ଶାଖା ସଭାପତି ବାସୁଦେବ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅନିମା ଆଚାର୍ଯ୍ୟ ଗୁରୁବନ୍ଦନା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ବାହୀନି ସମ୍ପାଦକ ପର୍ଶୁରାମ ଦାସ, ସୁଧୀର କୁମାର ମିଶ୍ର, କିଶୋର ସାହୁ, ମାନସ ରଞ୍ଜନ ମିଶ୍ର, ସୌରୀ ରଞ୍ଜନ ପଣ୍ଡା, ସୁରେଶ ସାହା, ପଦ୍ମଚରଣ ପ୍ରଧାନ, ସାଗର ସୌଭାଗ୍ୟ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ




ଭୁବନେଶ୍ୱର (ପିଏନ୍): ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ, ଜନନାୟକ ଓ ରାଷ୍ଟ୍ରନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୪ତମ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ଉପଦେଷ୍ଟା ନିମାଇଁ ଚରଣ ଦାସ ଓ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ପ୍ରବାଦପୁରୁଷଙ୍କର ଗୁଣଗାନ କରିଥିଲେ । ମାଲ୍ୟାର୍ପଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ-ସଂପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ବାସନ୍ତୀ ତ୍ରିପାଠୀ, ଅକ୍ଷୟ କୁମାର ଜେଠୀ, ଗୋପିମୋହନ ପଟ୍ଟନାୟକ ଓ ସମରଂଜନ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ।

## ନିରାଡମ୍ବର ଭାବେ ବିଜୁବାବୁଙ୍କ ୨୪ତମ ଶ୍ରାଦ୍ଧ ଦିବସ ପାଳିତ

ଯୋଡା (ପି ଏନ): ଚମ୍ପୁଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କମାରଯୋଡା ସ୍ଥିତ ଯୋଡା ନଗର ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ପ୍ରବାଦପୁରୁଷ, ରାଷ୍ଟ୍ରନାୟକ, ଅପ୍ରତିଦ୍ୱନ୍ଦ୍ୱୀ ରାଜନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ୨୪ତମ ଶ୍ରାଦ୍ଧ ଦିବସ କୋଭିଡ କଟକଣା ନିୟମାନୁସାରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିସଭା କରାଯାଇଥିଲା। ମହାନ ଜନନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ସୁନ୍ଦର ଓଡିଶା ଗଠନ ପାଇଁ ଉପସ୍ଥିତ ବିଜୁପ୍ରେମୀଗଣ ସଙ୍କଳ୍ପ କରିଥିଲେ। ଏଥିସହିତ ଉପସ୍ଥିତ ନେତୃବୃନ୍ଦ ବିଜୁବାବୁଙ୍କ ସେବା, ତ୍ୟାଗ ଏବଂ କର୍ମମୟ ଜୀବନ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏହି ଦିବସରେ ଯୁବ ସଂଗଠକ ସୁଶାନ୍ତ ବାରିକ, ବିଜେଡି ଜିଲ୍ଲା ସମ୍ପାଦକ ବାବୁଲାଲ ସାହୁ, ଜିଲ୍ଲା ଯୁବ ଉପ ସଭାପତି ସିବ ପଲେଇ, ଯୋଡା ବ୍ଲକ ଯୁବ ସଭାପତି ସୀବ ଆପଟ, ଜିଲ୍ଲା ସମ୍ପାଦକ ଡବର ମୁଣ୍ଡା, ଜିଲ୍ଲା ଉପସଭାପତି ରବୀନ୍ଦ୍ର କୁମାର ଦାସ, ଯୋଡା ଟାଉନ ବିଜେଡି ସଭାପତି ଚତୁର୍ଭୁଜ ପଲେଇ, ବରିଷ୍ଠ କର୍ମୀ ନିରଂଜନ ବହିଦାର, ପୂର୍ବତନ ନଗର ସଭାପତି ଜିତେନ୍ଦ୍ର ଜୟସ୍ୱାଲ, ବିଜୁ ଶ୍ରମିକ ସାମୁଖ୍ୟ ନଗର ସଭାପତି କାବୁ ଜେନା, ପବିତ୍ର ଦାସ, ଶୁରେନ୍ଦୁ ମିଶ୍ର, ଭବାନୀ ଶଙ୍କର ପଣ୍ଡା ପ୍ରମୁଖଙ୍କ ସମେତ ଅନ୍ୟ ବିଜୁପ୍ରେମୀଗଣ ଉପସ୍ଥିତ ଥିଲେ।

## ଅଜିତ ମଙ୍ଗରାଜଙ୍କ ଅକାଳ ବିୟୋଗ ଦଳ ପାଇଁ ଅପୂରଣୀୟ କ୍ଷତି

ଭୁବନେଶ୍ୱର (ପିଏନ୍): ପୁରୀ ଜିଲ୍ଲା କଂଗ୍ରେସ କମିଟିର ସଭାପତି ତଥା ପିପିଲି ଉପନିର୍ବାଚନରେ କଂଗ୍ରେସ ଦଳୀୟ ପ୍ରାର୍ଥୀ ଶ୍ରୀଯୁକ୍ତ ଅଜିତ୍ ମଙ୍ଗରାଜଙ୍କ କରୋନାଜନିତ ଅକାଳ ବିୟୋଗ କଂଗ୍ରେସ ଦଳୀୟ କର୍ମୀ, ନେତୃମଣ୍ଡଳୀ ମନରେ ଗଭୀର ଦୁଃଖ ଦେଇଛି। ସ୍ୱର୍ଗତଃ ମଙ୍ଗରାଜଙ୍କ ଅକାଳ ବିୟୋଗ ଖବର ଶୁଣି ପିସିସି ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗ, ଶୁଭେଚ୍ଛୁ ଓ ଦଳୀୟ କର୍ମୀଙ୍କୁ ସମବେଦନା ଜଣାଇଛନ୍ତି। ପିପିଲି-ଡେଲାଙ୍ଗରେ ଦଳୀୟ ନେତା ଓ କର୍ମୀ ଏ ଦୁଃଖଦ ଖବର ଶୁଣି ଆପୋଲୋ ହସ୍‌ପିଟାଲରେ ପହଂଚିଥିଲେ। ସର୍ବଶ୍ରୀ ପ୍ରାକ୍ତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଏଆଇସିସିର ସଂପାଦକ ଜି. ରୁଦ୍ର ରାଜୁ, ବିଧାୟକ ତାରାପ୍ରସାଦ ବାହିନୀପତି, ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଶୁଭେନ୍ଦୁ ମହାନ୍ତି, ଅଧିରାଜ ମୋହନ ପାଣିଗ୍ରାହୀ, ରମେଶ ଜେନା, ସଂଗ୍ରାମ ଜେନା, ୟାସିର ନୱାଜ, ରଜତ ଚୌଧୁରୀ, ପଦ୍ମାକର ଗୁରୁ, ଦୀପକ କୁମାର ମହାପାତ୍ର, ମନୋଜ ବିଶ୍ୱାଳ, ଦୀପକ ସାହୁ, ସୁଶାନ୍ତ ତ୍ରିପାଠୀ, ସୁବାଷ ପ୍ରଧାନ, ପ୍ରତାପ ପ୍ରଧାନ, ତାପସ ସେଠୀ, ନିହାର ରଂଜନ ବେହେରା ପ୍ରମୁଖ ଶତାଧିକ ନେତୃମଣ୍ଡଳୀ ଶୋକାକୁଳ ପରିବେଶରେ ପ୍ରିୟ ନେତାଙ୍କ ପ୍ରତି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ସ୍ୱର୍ଗତଃ ମଙ୍ଗରାଜ ଅକାଳ ବିୟୋଗ ଫଳରେ ପିପିଲି- ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ତଥା ପୁରୀ ବାସୀଙ୍କ ପାଇଁ ଓ ବିଶେଷ କରି କଂଗ୍ରେସ ଦଳ ପାଇଁ ଅପୂରଣୀୟ କ୍ଷତି ହୋଇଛି ବୋଲି ନେତାମାନେ ମତବ୍ୟକ୍ତ କରିଛନ୍ତି।

## ମାସିକ ଆସର ଆମ ଅଭିବ୍ୟକ୍ତିର ସ୍ୱର

ଭୁବନେଶ୍ୱର (ପିଏନ୍): ଶୋଷଣ, କଷଣ, ଅନ୍ୟାୟ, ଅନୀତି ବିରୋଧରେ ଅଭିବ୍ୟକ୍ତିର ସ୍ୱର ଶାଣିତ ହେବା ଦରକାର। ଭାଷା ବିରୋଧୀମାନଙ୍କ ଚକ୍ରାନ୍ତକୁ ଅସଫଳ କରାଯିବ ଏବଂ ନିଶାକୁ ସମୂଳେ ନାଶ କରିବା ପାଇଁ ଅଭିଯାନ ଆରଂଭ କରାଯିବ। ଏହି ପରିପ୍ରେକ୍ଷୀରେ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହୋଇଛି ମାସିକ ଆସର ଅଭିବ୍ୟକ୍ତିର ସ୍ୱର। ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, କବି ଯମେଶ୍ୱର କହଲସିଂହ, ଆଇନଜୀବୀ ଅର୍ଜୁନ ଚରଣ ମହାନ୍ତି, ଗାଳ୍ପିକ ସୁନୀଲ ବୋଷ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, କବି ତ୍ରିଲୋଚନ ଦାସ ଓ ନିଶିକାନ୍ତ କହଲସିଂହ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




## ଗଜପତି ଜିଲ୍ଲାବାସୀଙ୍କ ଠାରେ ସର୍ବାଧିକ ୬୫% ଆଂଟିବଡ଼ି

ଭୁବନେଶ୍ୱର,(ପିଏନ)–ସେରୋ ସର୍ଭେରୁ ମିଳିଥିବାତଥ୍ୟ ଅନୁଯାୟୀ ଗଜପତି ଜିଲ୍ଲାରେ ସର୍ବାଧିକ ୬୫ ପ୍ରତିଶତ ଆଂଟିବଡ଼ି ସୃଷ୍ଟି ହୋଇଛି । ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆରଏମ୍ଆରସି ନିର୍ଦ୍ଦେଶିକା ଡ.ସଂଘମିତ୍ରା ପତି ଏହି ସୂଚନା ଦେଇଛନ୍ତି । ଗଜପତି ଜିଲ୍ଲାରେ ସେରୋ ସର୍ଭେ ସମ୍ପର୍କରେ ସେ କହିଛନ୍ତି ଯେ,୧୫ ସେପ୍ଟେମ୍ବରରୁ ୧୮ ସେପ୍ଟେମ୍ବର ପର୍ଯ୍ୟନ୍ତ ଗଜପତି ଜିଲ୍ଲାରେ ଆରଏମ୍ଆରସିର ୫ଟି ଦଳ ପର୍ଯ୍ୟାୟ କ୍ରମେ ସେରୋ ନମୁନା ସଂଗ୍ରହ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ଗୋଷ୍ଠୀରୁ ୯୮୪ ଏବଂ ଅତି ସମ୍ବେଦନଶୀଳ ଲୋକଙ୍କ ମଧ୍ୟରୁ ୫୩୧ ଜଣ ଏହିପରି ସମୁଦାୟ ୧୫୧୫ ଜଣଙ୍କ ନମୁନା ସଂଗ୍ରହ କରାଯାଇଥିଲା । ଏହି ନମୁନା ପରୀକ୍ଷଣରୁ ଜଣାପଡ଼ିଛି ଯେ ଗଜପତି ଜିଲ୍ଲାରେ ୬୪.୬୭ ପ୍ରତିଶତ ବା ଦୁଇ-ତୃତୀୟାଂଶ ଲୋକଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଛି । କୋଭିଡ୍ ଯୋଦ୍ଧାମାନଙ୍କ ମଧ୍ୟରେ ୫୪ ପ୍ରତିଶତ ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ମଧ୍ୟରେ ୫୦ ପ୍ରତିଶତଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥିବାର ଜଣାପଡ଼ିଛି । ଆଜି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କରାଯାଇଥିବା ସେରୋ ସର୍ଭେ ମଧ୍ୟରେ ଏହି ଫଳାଫଳ ସର୍ବାଧିକ ।୯୫ ପ୍ରତିଶତ ଲୋକଙ୍କ ମଧ୍ୟରେ କୌଣସି ଲକ୍ଷଣ ନଥିଲା । ପ୍ରଥମ ଥର ପାଇଁ ମା' ଓ ଭଉଣୀମାନଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଆଶାତୀତ ଭାବରେ ବୃଦ୍ଧି ପାଇଥିବାର ଜଣାପଡ଼ିଛି ।ଅନ୍ୟପକ୍ଷରେ ଅକ୍ଟୋବର ୫ ତାରିଖରୁ ମାଲକାନଗିରି ଜିଲ୍ଲାରେ ଏପରି ସେରୋ ସର୍ଭେ କାର୍ଯ୍ୟ ଆରମ୍ଭ ହେବ । ପରେ ଭୁବନେଶ୍ୱରରେ ତୃତୀୟ ପର୍ଯ୍ୟାୟରେ ଏବଂ କଟକରେ ମଧ୍ୟ ଏହି ସେରୋ ସର୍ଭେ କରାଯିବ ବୋଲି ଡା. ପତି ସୂଚନା ଦେଇଛନ୍ତି ।

## ମହିଳାଙ୍କ ଫଟୋ ଭାଇରାଲ କରି ଜେଲ ଗଲେ ଶିକ୍ଷକ

ଖଣ୍ଡପଡା: ଖଣ୍ଡପଡା ବ୍ଲକ ଅଧିନ ଜଗନ୍ନାଥପ୍ରସାଦ ପଂଚାୟତ କୁହାରା ଗ୍ରାମସ୍ଥିତ ଲଡୁକେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ନକୁଳ ପ୍ରଧାନ ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ମୋବାଇଲରେ ଭାଇରାଲ କରି ଜେଲ ଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ସଂପୃକ୍ତ ଶିକ୍ଷକ ଜଣଙ୍କ ସପରିବାର ସହ ନୟାଗଡ ଜିଲ୍ଲା ଅଧିନ ଇଟାମାଟି ଗ୍ରାମରେ ରହୁଥିବା ବେଳେ ଗତ ୨ବର୍ଷ ଧରି ଜଣେ ମହିଳାଙ୍କ ସହ ତାଙ୍କର ସଂପର୍କ ଗଡି ଉଠିଥିଲା । ଏବେ ସେ ମହିଳା ଜଣଙ୍କ ନୟାଗଡ ଜିଲ୍ଲାର ଶରଣକୂଳ ଥାନା ଅଂଚଳରେ ବିବାହ କରିଥିବା ଜଣାପଡିଛି । ଉକ୍ତ ମହିଳାଙ୍କ ସ୍ୱାମୀ ଘଟଣା ସଂପର୍କରେ ଅବଗତ ହେବା ପରେ ସଂପୃକ୍ତ ଶିକ୍ଷକଙ୍କୁ ତାଗିଦ କରିବା ସହ ଶରଣକୂଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ୩୦ ବର୍ଷ ପରେ ବିବାଦର ସମାଧାନ, ରାସ୍ତାରୁ ଜବରଦଖଲକାରୀଙ୍କୁ ହଟାଇଲା ପ୍ରଶାସନ

ଖଣ୍ଡପଡା: ଖଣ୍ଡପଡା ବ୍ଲକ ଅଧିନ ମର୍ଦ୍ଦରାଜପୁର ପଂଚାୟତର ରେବତୀବଣିଆ ନୂଆସାହିକୁ ରାସ୍ତା ନିର୍ମାଣକୁ ନେଇ ଦିର୍ଘ ୩୦ ବର୍ଷ ଧରି ବେଣାଗାଡିଆ ପଂଚାୟତର ବରକୋଳି ଗ୍ରାମବାସୀ ଓ ନୂଆସାହି ବାସିନ୍ଦାଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଯାହାକି ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା । ରାସ୍ତାକୁ ନେଇ ବିବାଦ ମାମଲା ଉଚ୍ଚ ନ୍ୟାୟାଳୟରେ ପହଁଚିଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ରାସ୍ତା ବିବାଦର ଆଶୁ ସମାଧାନ ନିମନ୍ତେ ବାରମ୍ବାର ଚେଷ୍ଟା ଜାରି ରହିଥିବା ବେଳେ ଶୁକ୍ରବାର ପୂର୍ବାହ୍ନରେ ଖଣ୍ଡପଡା ତହସିଲ ପ୍ରଶାସନ ପକ୍ଷରୁ ରାସ୍ତା ନିର୍ମାଣରେ ପ୍ରତିବନ୍ଧକ ସାଜିଥିବା ଜବରଦଖଲକାରୀଙ୍କୁ ହଟାଇ ଦିଆଯିବା ପରେ ମର୍ଦ୍ଦରାଜପୁର ନୂଆସାହି ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଅନଧିକାର ଭାବେ ରାସ୍ତା ଉପରକୁ ମାଡି ସରକାରୀ ଜାଗାରେ ଅସ୍ଥାୟୀ ଭାବେ ଏକ ଚାଳ ଛପର ଘର ନିର୍ମାଣ କରି ରହୁଥିବା ବରକୋଳି ଗ୍ରାମର ହାଲୁରି ପ୍ରଧାନଙ୍କ ବାସଗୃହଟିକୁ ଜେସିବ ମେସିନ ଲଗାଇ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଥିବା ଜଣାଯାଇଛି । ତହସିଲଦାର ପାର୍ଥ ସାରଥୀ ହାଁସଦା, ଅତିରିକ୍ତ ତହସିଲଦାର ଓ ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ଉପସ୍ଥିତରେ ଜବରଦଖଲ ଉଚ୍ଛେଦ କରାଯାଇଥିବା ଜଣାଯାଇଛି । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଖଣ୍ଡପଡା ଆଇଆଇସିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ଅଂଚଳରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

## ଚିକିତ୍ସା ନ ପାଇ ଦନ୍ତାହାତୀ ର ମୃତ୍ୟୁ ଘଟଣା : ପିସିସିଏଫ ଦେଲେ ତଦନ୍ତ ନିର୍ଦ୍ଦେଶ




କେନ୍ଦୁଝର : ଅସୁସ୍ଥ ଦନ୍ତା ହାତୀ ଚିକିତ୍ସା ନ ପାଇ ମୃତୁବରଣ କରିବା ଘଟଣାକୁ ଗୁରୁତର ସହ ନେଇ ପିସିସିଏଫ ଶିଶିର କୁମାର ରଥ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ରାଉଲକେଲା ଆରସିସିଏଫ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶରେ ରହିଛି । ସୂଚନା ଯୋଗ୍ୟ ତେଲକୋଇ ରେଞ୍ଜ କାଳିଆହତା ସେକ୍ସନ ରେକୁଟି ବିଟ ଅନ୍ତର୍ଗତ କଳାପାଟ ସଂରକ୍ଷିତ ଜଙ୍ଗଲର କେରାଙ୍ଗ ଗ୍ରାମ ସାରାଇ ହାମଲେଟ ନିକଟରେ ଏକ ଦନ୍ତାହାତୀ ଅସୁସ୍ଥ ଅବସ୍ଥାରେ ୮ତାରିଖ ଦିନ ସକାଳେ ଠାବ କରାଯାଇଥିଲା । ହାତୀ ର ଗୋଡରେ ଆଘାତ ଲାଗିଥିବାରୁ ଚଳପ୍ରଚଳ କରି ପାରୁନଥିଲା । ଉକ୍ତ ଦନ୍ତା ହାତୀଟି ୧୦ ତାରିଖ ରାତିରେ ଉକ୍ତ ସ୍ଥାନଠାରୁ ଅଳ୍ପଦୂର ଢେଙ୍କାନାଳ ଡିଭିଜନ କାମାକ୍ଷାନଗର ରେଞ୍ଜ ଗହଳବନ୍ଧ ଠାରେ ମୃତ୍ୟୁ ହୋଇଥିଲା । ତେବେ ହାତୀର ଚିକିତ୍ସା ହୋଇ ନ ପାରିବାରୁ ହାତୀ ଗୁରୁତର ହୋଇପଡିଥିଲା । ଖାଦ୍ୟପେୟ ଅଭାବରୁ ହାତୀଟି ଦୁର୍ବଳ ହୋଇ ଶେଷରେ ଢେଙ୍କାନାଳ ସୀମାରେ ମୃତ୍ୟୁବରଣ କରିଥିଲା । ବିଶେଷଜ୍ଞଙ୍କ ମତରେ ହାତୀକୁ ଠିକ ସମୟରେ ନିଶ୍ଚେତକ କରାଯାଇ ଚିକିତ୍ସା କରିଥିଲେ ହାତୀ ବଂଚି ପାରିଥାନ୍ତା । ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ପଶୁ ଚିକିତ୍ସା ଟିମ ଏବଂ ୱାଇଲ୍ଡ ଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆ (ଡବ୍ଲୁଟିଆଇ)ର ପ୍ରାଣୀ ଚିକିତ୍ସକ ଡାକ୍ତର ବନ୍ଦିତା ମିଶ୍ର ଉକ୍ତ ସ୍ଥାନକୁ ୯ ତାରିଖ ଦିନ ଯାଇଥିଲେ ମଧ୍ୟ ହାତୀଟି ଢେଙ୍କାନାଳ ସୀମାକୁ ପଳାଇଥିବାରୁ ଚିକିତ୍ସା ନ କରି ଫେରି ଆସିଥିଲେ । କାର୍ଯ୍ୟାନୁଷ୍ଠାନ ଭୟରେ ତେଲକୋଇ ରେଞ୍ଜର ବନ କର୍ମଚାରୀ ହାତୀକୁ ଉକ୍ତ ସ୍ଥାନଠାରୁ ମାତ୍ର ୨୦୦ ମିଟର ଦୂର କାମାକ୍ଷାନଗର ରେଞ୍ଜ ଗହଳବନ୍ଧ କୁ ଘଉଡାଇ ଦେଇଥିଲେ । ସେଠାରେ ହାତୀର ମୃତ୍ୟୁ ହୋଇଥିଲା । ତେବେ ହାତୀକୁ ଶିକାରୀ ଦାନ୍ତ ପାଇଁ ଗୁଳି ମାରିଥିବା ସନ୍ଦେହ କରାଯାଉଛି । ହାତୀଟି ନିଜ ଜୀବନ ବଂଚାଇବାକୁ ଏକ କେରାଙ୍ଗ ଗ୍ରାମ ନିକଟକୁ ଚାଲି ଆସିଥିବା ଅନୁମାନ କରାଯାଉଛି । ହାତୀର ଅବସ୍ଥା ଗୁରୁତର ଥିଲେ ହେଁ ଘଟଣାକୁ ହାଲୁକା ଭାବେ ନେଇ କେନ୍ଦୁଝର ଭାରପ୍ରାପ୍ତ ଡିଏଫଓ ଅଜିତ୍ କୁମାର ଶତପଥି କିମ୍ବା ଏସିଏଫ୍ ଘନଶ୍ୟାମ ମହାନ୍ତ ଘଟଣାସ୍ଥଳକୁ ଯାଇନଥିଲେ । ଫଳରେ ସ୍ଥାନୀୟ ବନ କର୍ମଚାରୀ ହାତୀର ଚିକିତ୍ସା ନେଇ ଅବହେଳା ପ୍ରଦର୍ଶନ କଲେ । ଫଳରେ ହାତୀଟି ଚିକିତ୍ସା ଅବହେଳା ଏବଂ ଖାଦ୍ୟ ନ ପାଇ ମୃତ୍ୟୁମୁଖରେ ପଡିଥିଲା । ଗୋଟିଏ ଦନ୍ତହାତୀର ଚିକିତ୍ସା ନେଇ ବନ ବିଭାଗ ଯେତିକି ତତ୍ପରତା ଦେଖାଇବା କଥା ସେତିକି ସେମାନେ ନ ଦେଖାଇବାରୁ ହାତୀର ମୃତ୍ୟୁ ହେଲା ବୋଲି ଅଭିଯୋଗ ହୋଇଛି । ଏପରିକି ଫରେଷ୍ଟର ଯଦୁମଣୀ ରଣା ଏବଂ ଫରେଷ୍ଟ ଗାର୍ଡ ପ୍ରଣୟିନୀ ଅମାନ୍ତ ମଧ୍ୟ ଅଦ୍ୟାବଧି କାରଣ ଦର୍ଶାଅ ନୋଟିସ କରାଗଲାନାହିଁ । ବନ ବିଭାଗ ନିଜ ଦୋଷ ଦୁର୍ବଳତା ଲୁଚାଇବା ପାଇଁ ମିଛ କାହାଣୀ ସୃଷ୍ଟି କରି ହାତୀର ଚିକିତ୍ସା କରାଯିବା ପରେ ତାର ମୃତ୍ୟୁ ହୋଇଥିବା କହି ଉଚ୍ଚ ଅଧିକାରୀଙ୍କୁ ରିପୋର୍ଟ ଦିଆଗଲା । ଯାହାକୁ ଉଚ୍ଚ ଅଧିକାରୀ ତଦନ୍ତ ନକରି ଗ୍ରହଣ ମଧ୍ୟ କଲେ । ଏପରିକି ହାତୀର ଚିକିତ୍ସା ନେଇ କୌଣସି ପ୍ରମାଣ ନଥିବାବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବୀ ହୋଇଛି । କେନ୍ଦୁଝର ସୀମାରେ ଥିବା ହାତୀ ଯଦି କାମାକ୍ଷାନଗର ରେଞ୍ଜ ଗହଳବନ୍ଧ ଜଙ୍ଗଲକୁ ଚାଲିଗଲା ସେଠାରେ କାହିଁକି ଚିକିତ୍ସା କରାଗଲା ନାହିଁ । କେନ୍ଦୁଝର ବନଖଣ୍ଡରୁ ହାତୀଟି ଅନ୍ୟ ଡିଭିଜନକୁ ପଳାଇଯିବାରୁ କାହିଁକି କେନ୍ଦୁଝର ରୁ ଯାଇଥିବା ପଶୁ ଚିକିତ୍ସକ ଟିମ ଫେରିଆସିଲେ ତାହା ମଧ୍ୟ ତଦନ୍ତ ସାପେକ୍ଷ । ଏହାର ସଠିକ୍ ତଦନ୍ତ କରାଗଲେ ବନ ବିଭାଗର ବଡ ବଡ ଅଧିକାରୀଙ୍କ ଦାୟିତ୍ୱହୀନତା ପଦାରେ ପଡିପାରନ୍ତା ବୋଲି ମତବ୍ୟକ୍ତ ହୋଇଛି । ତେଲକୋଇ ରେଞ୍ଜରେ କିଛି ଦିନ ହେବ ହାତୀଦାନ୍ତ ଶୀକାରୀ ସକ୍ରୀୟ ହେଇଥିବା ଅନୁମାନ କରାଯାଉଛି । ସୃଷ୍ଟିର ଅନବଦ୍ୟ ପ୍ରାଣୀ ଗଜରାଜ ଏବେ ସଙ୍କଟରେ । କେନ୍ଦୁଝର ବନଖଣ୍ଡରେ ସୃଷ୍ଟିର ବିଶାଳକାୟ ପ୍ରାଣୀର ସହାବସ୍ଥାନକୁ ନେଇ ପରିବେଶବିତ୍ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଅତିତରେ ହୋଇଥିବା ଭାରତୀୟ ସେନା ଦ୍ୱାରା ସର୍ଜିକାଲ ଷ୍ଟ୍ରାଇକ ର ଭିଡିଓଗ୍ରାଫି ମିଳିପାରୁଛି ତେବେ ହାତୀ ଚିକିତ୍ସା ସମୟରେ ଫଟୋ କିମ୍ବା ଭିଡିଓଗ୍ରାଫି କାହିଁକି କରାଗଲା ନାହିଁ ତାହା ଏବେ ତଦନ୍ତ ସାପେକ୍ଷ । ଏ ନେଇ ଡିଏଫଓଙ୍କ ମତାମତ ନିଆଯିବାରୁ ତାଙ୍କ ଦ୍ୱାରା ହାତୀକୁ ଶୀକାର ପାଇଁ ଉଦ୍ୟମ ଉଦ୍ୟମ କରାଯାଇଛି ବୋଲି ସନ୍ଦେହ କରାଯାଉଛି । ୱାଇଲ୍ଡ ଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆ (ଡବ୍ଲୁଟିଆଇ)ର ପ୍ରାଣୀ ଚିକିତ୍ସକ ଡାକ୍ତର ବନ୍ଦିତା ମିଶ୍ରଙ୍କ ସହ ଯୋଗାଯୋଗ କରିବାରୁ ହାତୀର ଚିକିତ୍ସା ପାଇଁ ୯ ତାରିଖ ସୋମବାର ଦିନ ଘଟଣାସ୍ଥଳକୁ ଯାଇଥିଲୁ । କିନ୍ତୁ ହାତୀଟି କେନ୍ଦୁଝର ବନଖଣ୍ଡ ସୀମା ପାର ହୋଇ ଢେଙ୍କାନାଳ ସୀମା ଭିତରକୁ ପଶି ଯାଇଥିବାରୁ ଆମ୍ଭେ ପଳାଇ ଆସିଲୁ ।

# ମୟୂରଭଞ୍ଜରେ ବିକାଶ ପାଗଳ ହୋଇଛି

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ବିକାଶ ପାଗଳ ହୋଇଯାଇଛି । ବିଜେପି ପୂର୍ବ ଭାରତରେ ବିକାଶର ସୂର୍ଯ୍ୟୋଦୟ ମୟୂରଭଞ୍ଜ ଜିଲ୍ଲାରୁ ଆରମ୍ଭ ହେବାର ନାରା ଦେଇଥିବା ବେଳେ ବିଜେଡ଼ି କଥାରେ ନୁହେଁ କାର୍ଯ୍ୟ କରିବାରେ ବିଶ୍ୱାସ ରଖେ ନାରା କେବଳ ସ୍ଲୋଗାନ ମଧ୍ୟରେ ସିମୀତ ରହିଯାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ମାଳମାଳ ଯୋଜନା ପ୍ରଚଳନ କରି ଚାଲିଥିବା ସମୟରେ ଏହାର ସଠିକ୍ ରୂପାୟନ ସମ୍ଭବ ହୋଇପାରୁ ନାହିଁ । ଫଳରେ ବିକାଶ ନାମରେ ଆସୁଥିବା ଅର୍ଥ ବାଟବଣା ହେବାରେ ଲାଗିଛି । ସ୍ୱାଧୀନତାର ୭୪ ବର୍ଷ ପରେ ମଧ୍ୟ ଜିଲ୍ଲାବାସୀ ମୌଳିକ ସୁବିଧାସୁଯୋଗରୁ ବଂଚିତ ହୋଇ ଆସୁଛନ୍ତି । କେଉଁଠି ପିଇବା ପାଣି ସମସ୍ୟାରେ ଜନସାଧାରଣ ହ୍ରଢ଼ହଳବିକଳ ହେଉଛନ୍ତି ପୁଣି କେଉଁଠି ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ । ସେହିପରି ଗମନାଗମନ, ଜଳସେଚନ ଆଦି ବିଭିନ୍ନ ସମସ୍ୟା ମଧ୍ୟ ଦେଇ କେଉଁଠି ନା କେଉଁଠି ମୟୂରଭଞ୍ଜ ଜିଲ୍ଲାର ଜନସାଧାରଣ ସମ୍ମୁଖୀନ ହେଉଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ସମ୍ଭବ ହୋଇପାରି ନାହିଁ । ଯଦିଓ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରୁ ୯ ବିଧାନସଭା ମଧ୍ୟରୁ ୬ଟିରୁ ଅନୁସୂଚିତ ଜନଜାତି, ଗୋଟାଏ ଅନୁସୂଚିତ ଜାତି ଏବଂ ଅନ୍ୟଟି ସାଧାରଣ ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରହିଥିବା ସମୟରେ ଲୋକସଭା ଆସନ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି । ତଥାପି ନିର୍ବାଚିତ ଜନ ପ୍ରତିନିଧିମାନେ ଜନସାଧାରଣଙ୍କ ବୃହତ ସାମୂହିକ ସ୍ୱାର୍ଥ ସାଧନ ନିମନ୍ତେ କୌଣସି କାରଣରୁ ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବା ବେଳେ ବିରୋଧୀ ସ୍ଥଳ ବିଶେଷରେ ସମସ୍ୟାକୁ କେବଳ ନିଜର ରାଜନୈତିକ ଫାଇଦାରେ ବ୍ୟବହାର କରିଆସୁଛି । ଏହାର ନଗ୍ନ ଉଦାହରଣ ପାଲଟିଛି ମୁଖ୍ୟମନ୍ତ୍ରୀ ନବୀନଙ୍କ ସରକାରରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ଥିବା ସୁଦାମ ମାର୍ଣ୍ଡିଙ୍କ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ତଥା ବାଙ୍ଗିରିପୋଷି ବ୍ଲକ ଅଧୀନ ବ୍ରାହ୍ମଣ ଗାଁ ପଞ୍ଚାୟତ ସୋରିଷପାଳ ଗ୍ରାମ ନିକଟ ବୃଢ଼ାବଳଙ୍ଗ ନଦୀର ରେସୁଣ ଘାଟ । ଏଠାରେ ନଦୀ ପାର ହେବା ନିମନ୍ତେ ସେତୁ ଟିଏ ନିର୍ମାଣ ଦୂରର କଥା ନାହିଁ ଡଙ୍ଗାର ବ୍ୟବସ୍ଥା । ବର୍ଷ ବର୍ଷ ଧରି ନଦୀ ପାର ହେବା ନିମନ୍ତେ ଜନସାଧାରଣଙ୍କର ଏକ ମାତ୍ର ଭରସା ବାଉଁଶ ନିର୍ମିତ ଭେଳା । ଉକ୍ତ ଘାଟରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ନିଜ ଜୀବନକୁ ବାଜିରେ ଲଗାଇ ବିପଦ ଶଙ୍କୁଳ ଅବସ୍ଥାରେ ନଦୀ ପାର ହେଉଥିବାର ଦେଖିବାକୁ ମିଳିଥାଏ । ଟ୍ରକ, ବସ ଆଦି ଚାରି ଚକିଆ ଯାନର ଟାୟାରରେ ବ୍ୟବହାର ହେଉଥିବା ୬ଟି ଟିଉବ୍ ଉପରେ ବାଉଁଶ ବିଛାଯାଇ ଭେଳା ପ୍ରସ୍ତୁତ କରାଯାଇଛି । ଏଥି ସହିତ ଏକ ଦଉଡ଼ିକୁ ନଦୀର ଦୁଇ ପାର୍ଶ୍ୱରେ ଖୁଂଟ ପୋତା ଯାଇ ସେଥିରେ ଦଉଡ଼ିର ଦୁଇ ମୁଣ୍ଡକୁ ବନ୍ଧା ଯାଇଛି । ଦଉଡ଼ିକୁ ଧରି ଭେଳାରେ ନଦୀର ଗୋଟାଏ ପାର୍ଶ୍ୱରୁ ଅପର ପାର୍ଶ୍ୱକୁ ପାରି ହୋଇଥାନ୍ତି । ସେହିପରି ଭେଳାରେ ଏକା ଥରକେ ୫ରୁ ୬ ବାଇକ ଧରି ଏ କୂଳରୁ ସେ କୂଳକୁ ଲୋକମାନେ ପାରି ହେଉଥିବାର ଦେଖିବାକୁ ମିଳିଛି । ନଦୀ ପାରି ହେବା ନିମନ୍ତେ ଆଖ ପାଖରେ କୌଣସି ପୋଲର ବ୍ୟବସ୍ଥା ନ ଥିବା କାରଣରୁ ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧ, ବୃଦ୍ଧା, ଯୁବକ, ଯୁବତୀଙ୍କ ସହ ରୋଗୀଙ୍କୁ ତୁରନ୍ତ ଚିକିତ୍ସାଳୟରେ ପହଁଞ୍ଚାଇବା ନିମନ୍ତେ ଏହି ଭେଳା ଏକ ମାତ୍ର ବିକଳ୍ପ ପାଲଟିଯାଇଛି ବୋଲି ନଦୀ ପାରି ହେଉଥିବା ସ୍ୱାସ୍ଥ୍ୟକର୍ମୀ ସୀତା ମାର୍ଣ୍ଡି, ସୁଶୀଲ ପୃଷ୍ଟି ଓ ସ୍ଥାନୀୟ ବାସିନ୍ଦା ଭୁଜୁ ମାର୍ଣ୍ଡି ପ୍ରମୁଖଙ୍କ ସହ ଭେଳା ଚାଳକ ବେଣୁଧର ମହାକୁଡ଼ କହିଛନ୍ତି । ସେହିପରି ବିଧାୟକ ଓ ଜିଲ୍ଲା ପ୍ରଶାସନ ଚାହିଁଥିଲେ ସରକାରଙ୍କ ବିଜୁ ସେତୁ ଯୋଜନା ଉକ ପୋଲ ନିର୍ମାଣ ନିମନ୍ତେ ପ୍ରପୋଜାଲ ଦେଇ ପାରିଥାନ୍ତେ । କିନ୍ତୁ ଏଥି ନିମନ୍ତେ କାହାରି ନିକଟରେ ଆନ୍ତରିକତା ନାହିଁ । ସେହିପରି ଉକ୍ତ ରେସୁଣ ନଦୀଘାଟଠାରୁ ଅଳ୍ପ କିଛି ଦୂରରେ ଥିବା ଦୋମୁହାଁଣିଠାରେ ୨୦୧୫ ମସିହାରେ ବାରିପଦା ପିଏ ଆଇଟିଡ଼ିଏ ପକ୍ଷରୁ ସାଢ଼େ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଝୁଲା ପୋଲ ନିର୍ମାଣ ନିମନ୍ତେ ବର୍ତ୍ତମାନର ବାଙ୍ଗିରିପୋଷି ବିଧାୟକ ତଥା ଶ୍ରୀମାର୍ଣ୍ଡି ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଦୀର୍ଘ ଦିନର ଗମନାଗମନ ସମସ୍ୟାକୁ ଝୁଲା ପୋଲ ସମାଧାନର ରାସ୍ତା ଫିଟାଇ ଦେବାକୁ ନେଇ ଜନସାଧାରଣ ଅଧିକ ଉତ୍ସାହିତ ହୋଇପଡ଼ିଥିବା ସମୟରେ ଝୁଲା ପୋଲଟି କୂଳ ଛୁଇଁ ନ ପାରି ସବୁ ଦିନ ନିମନ୍ତେ ନଦୀ ମଝିରେ ସେମିତି ଝୁଲି ରହିଗଲା । ଯଦି ଜନତାଙ୍କ ସ୍ୱାର୍ଥରେ ଆସି ପାରିଲା ନାହିଁ, ତେବେ ଏହି ଝୁଲା ପୋଲ ପ୍ରକଳ୍ପ ନିର୍ମାଣ କାହା ସ୍ୱାର୍ଥ ସାଧନ ନିମନ୍ତେ ଉଦ୍ଦିଷ୍ଟ ରହିଥିଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଜନତା । ଏଥି ସହିତ ମନ୍ତ୍ରୀ ଶ୍ରୀମାର୍ଣ୍ଡି ୨୦୧୪ରେ ବିଜେଡ଼ିରେ ମିଶିବା ପୂର୍ବରୁ ବିଭିନ୍ନ କଥାରେ ସରକାରଙ୍କୁ ଘେରିବା ସହ ସମାଲୋଚନା କରିଆସୁଥିଲେ । ମାତ୍ର ଶାସକ ଦଳରେ ମିଶିବା ପରେ ମୟୂରଭଞ୍ଜ ଜିଲ୍ଲା ସହ ତାଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀ ବାଙ୍ଗିରିପଷିର ସାମୂହିକ ବିକାଶ ତଥା ଉନ୍ନତି ସାଧିତ ହେବ ବୋଲି ଆଶା କରିଥିଲେ ଜନତା । ଝାମୁମୋରୁ ଦଳରୁ ଥରେ ଓ ଶାସକ ବିଜେଡ଼ି ଦଳରୁ ଦୁଇ ଦୁଇ ଥର ବିଧାୟକ ହେବା ସହ କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି । ମାତ୍ର ତାଙ୍କ ନିଜ ବାସସ୍ଥାନ ରହିଥିବା ଏହି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ନିମନ୍ତେ ମନ୍ତ୍ରୀ ଶ୍ରୀମାର୍ଣ୍ଡି କେତେ ଯତ୍ନବାନ ତାହା ନିଜେ ଶିଳାନ୍ୟାଶ କରିଥିବା ଦୋମୁହାଁଣି ଝୁଲା ପୋଲରୁ ବେଶ ବାରି ହୋଇପଡୁଛି ବୋଲି ସ୍ଥାନୀୟ ବାସିନ୍ଦା ରାମଚନ୍ଦ୍ର ହାଁସଦାଃ, ପ୍ରଦୀପ ମହାକୁଡ଼ ପ୍ରମୁଖ ପ୍ରକାଶ କରିଛନ୍ତି । ତେଣୁ ଏଦିଗରେ ମନ୍ତ୍ରୀ ଶ୍ରୀମାର୍ଣ୍ଡିଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ତାଙ୍କର ସେଲ ନମ୍ବର ୯୪୩୯୨୯୭୯୦୦ରେ ଯୋଗାଯୋଗ ନିମନ୍ତେ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା । ସେହିପରି ବାରିପଦା ପିଏ ଆଇଟିଡ଼ି ବସନ୍ତ କୁମାର ସେଠୀଙ୍କ ସହ ମଧ୍ୟ ଯୋଗାଯୋଗ ହୋଇ ପାରି ନ ଥିଲା ।

### ବଡ ଧରଣର ଡକାୟତ ଉଦ୍ୟମକୁ ପଣ୍ଡ କଲା ଧର୍ମଶାଳା ପୋଲିସ

# ୪ ଅଭିଯୁକ୍ତ ଗିରଫ,୬ ଫେରାର, ୨ବାଇକ୍ ସହ ବହୁ ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ପୋଲିସକୁ ବଡ ଧରଣର ସଫଳତା । ଗତ କାଲି ବିଳମ୍ବିତ ରାତିରେ ଏକ ବଡ ଧରଣର ଡକାୟତି ଉଦ୍ୟମ ଯୋଜନା କରୁଥିବା ବେଳେ ନାଇଟ ପାଟ୍ରୋଲିଂ କରୁଥିବା ପୋଲିସ ଏହାକୁ ପଣ୍ଡ କରିଛି । ଯାହାକୁ ନେଇ ଆଜି ଧର୍ମଶାଳାରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବାଇକ,ମାରଣାସ୍ତ୍ର ସହ ନଗଦ ଟଙ୍କା ଜବତ କରିଥିବ ନେଇ ଆଜି ଅପରାହ୍ନରେ ଧର୍ମଶାଳା ଥାନା ପରିସରରେ ଯାଜପୁର ଏସଡିପିଓ ଚିନ୍ମୟ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନା ମୁତାବକ ଗତ କାଲି ରାତିରେ ଧର୍ମଶାଳା ଥାନା ଅନ୍ତର୍ଗତ ଦେଉଳି ପାହାଡ ପାଦ ଦେଶରେ କିଛି ଯୁବକ ଚଳାବୁଲା କରୁଥିଲେ । ତେବେ ସେହି ସମୟରେ ଧର୍ମଶାଳା ପୋଲିସ ନାଇଟ ପାଟ୍ରୋଲିଂ କରୁଥିବା ସମୟରେ ସେମାନଙ୍କ ଉପରେ ନଜର ପଡିଥିଲା । ତେବେ ସେମାନେ ପୋଲିସକୁ ଦେଖି ଫେରାର ହୋଇ ଯାଉଥିବା ଦେଖି ପୋଲିସ ସେମାନଙ୍କୁ ପିଛା କରି ୪ ଜଣଙ୍କୁ ଧରିବାରେ ସଫଳତା ପାଇଥିଲା ବେଳେ ଅନ୍ୟ ୬ ଜଣ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏହି ୪ ଯୁବକଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚୁରା ପରେ ଏକ ଡକାୟତି ଯୋଜନା କରୁଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ । ଏବଂ ସେମାନଙ୍କଠାରୁ ବହୁ କଥା ଜାଣିବାକୁ ପାଇଥିଲା । ଏବଂ ସେମାନଙ୍କ ନାମରେ ପୂର୍ବରୁ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଥିଲା । ଏହି ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ପୋକଲ ପଲ୍ଲୀ ଗ୍ରାମର କାର୍ତିକ ଦାସଙ୍କ ପୁଅ ଶିବାଜୀ(୨୩) ଏହି ଗ୍ରାମର ଦାସ ଲାମ୍ବାଙ୍କ ପୁଅ ଦାସ ବେଣ୍ଡ୍ରୀ(୧୯),ଆସ୍କା ଥାନା ଅନ୍ତର୍ଗତ କରଟେଲି ଗ୍ରାମର ଆହ୍ଲୁଲା ସୁରେଶଙ୍କ ପୁଅ ଆହ୍ଲୁଲା ବଳରାମ(୨୧) ଓ ଆସ୍କା ଥାନା ଅନ୍ତର୍ଗତ ରେଞ୍ଜାର ବଙ୍ଗଳା ଗ୍ରାମର ଏମ୍ ବାବୁଲାଙ୍କ ପୁଅ ଏମ୍ ସୁନିଲ(୨୫) ବୋଲି ଜଣାପଡିଛି । ଏବଂ ସେମାନେ ବ୍ୟବହୃତ କରୁଥିବା ୨ଟି ହୋଣ୍ଡା ବାଇକ୍ ଓଡି୦୨ଏଏସ୬୯୨୧ ଓ ଓଡି୩୨ଇ୨୬୧୧,ଗୋଟିଏ ଦେଶୀ ବନ୍ଧୁକ,ଗୋଟେ ଭୁଜାଲି,ଗୋଟେ ଛୁରୀ,୨ଟି ରେଂଚୁ,ଗୋଟେ ପ୍ୟାକେଟ ଲଙ୍କା ଗୁଣ୍ଡ,୮ ଗୋଟି ମୋବାଇଲ, ନଗଦ ୮୧୯୦ଟଙ୍କା,୬ଟି ଏଟିଏମ୍ କାର୍ଡ,୧୩ ଗୋଟି ସିଲଭର ପାଉଁଜି,୨୪ଟି ସିଲଭର ମୁଦିକୁ ପୋଲିସ ଜବତ କରିଛି । ଏବଂ ଅଭିଯୁକ୍ତମାନଙ୍କୁ ଆଜି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଏସଡିପିଓ ଶ୍ରୀ ନାୟକ ସୂଚନା ଦେଇଛନ୍ତି । ଏବଂ ଏହି ଘଟଣାରେ ଏହି ସବୁ ଅଂଚଳର ବିଜୟଙ୍କ ପି ରାଜା(୨୧),କୃଷ୍ଣ ଦାସଙ୍କ ପୁଅ ମହେଶ୍ୱର(୨୧),ପି ରାମୁଙ୍କ ପୁଅ ରହୁଲ ଦାସ(୨୧), ମିଳନ ଦାସ(୨୧), ଜୟା ଗୋପିଙ୍କ ପୁଅ ଜୟା ଚାନ୍ଦୁ(୧୯) ଓ ଅଭୟ ଦାସ(୨୫) ଫେରାର ହୋଇଯାଇଥିବା ବେଳେ ସେମାନଙ୍କୁ ଖୁବ ଶିଘ୍ର ଧରାଯିବ ବୋଲି ପୋଲିସ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ପ୍ରଚେଷ୍ଟା ଅସହାୟ ବୃଦ୍ଧା ଥଇଥାନ ହୋଇ ଚିକିତ୍ସା ସୁବିଧା ପାଇଲେ

ମାଲକାନଗିରି, (ପିଏନ)- ଆଜି ଆନ୍ତର୍ଜାତୀୟ ବୃଦ୍ଧ ଦିବସ ଅବସରରେ ମାଲକାନଗିରିସ୍ଥିତ ୧୧୯ କଲୋନୀ ନିବାସୀ ରଜନୀ ପଣ୍ଡା ନାମ୍ନୀ ବୃଦ୍ଧା ତାଙ୍କ ଘରେ ପରିବାର ଠାରୁ ନାନା କଷ୍ଟ ପାଇ ଘରୁ ବିତାଡ଼ିତ ହୋଇ ମାଲକାନଗିରି ସହରରେ ଅଖିଆ ଅପିଆ ହୋଇ ବୁଲୁଥିଲେ । ବୃଦ୍ଧା ଅବସ୍ଥା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବା ବେଳେ ତାଙ୍କ ବାମ ହାତ ମଧ୍ୟ ଭାଙ୍ଗି ଯାଇଥିଲା । ଏହିପରି ଅବସ୍ଥାରେ ମାଲକାନଗିରି ସମାଜ ସେବୀ ଗୀତାଞ୍ଜଳି ମହାପାତ୍ର ତାଙ୍କୁ ଦେଖିବ ସଂଗେ ସଂଗେ ମାଲକାନଗିରି ପୋଲିସ ଷ୍ଟେସନରେ କାର୍ଯ୍ୟରତ ଏସ.ଆଇ ଶୁଭଶ୍ରୀ ନାୟକଙ୍କୁ ଜଣାଇଥିଲେ । ଶ୍ରୀମତୀ ନାୟକ ବିଳମ୍ବ ନ କରି ରଜନୀ ପଣ୍ଡାଙ୍କୁ ମାଲକାନଗିରି ଟାଉନ ଆଶ୍ରୟ ଗୃହରେ ରଖି ତତ୍କ୍ଷଣାତ୍ ଏହି ବିଷୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଅମରେଶ ନାୟକଙ୍କୁ ଜଣାଇଥିଲେ । ସଚିବ ଶ୍ରୀ ନାୟକ ସଂଗେ ସଂଗେ ଯାଇ ଲିଗାଲ ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶଙ୍କୁ ବୃଦ୍ଧାଙ୍କୁ ଉଦ୍ଧାର କରିବା ପାଇଁ କହିଥିଲେ । ଏହା ପରେ ଗୀତାଞ୍ଜଳି ମହାପାତ୍ର, ଏସ.ଆଇ ଶୁଭଶ୍ରୀ ନାୟକ, ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶ ପ୍ରମୁଖ ବୃଦ୍ଧାଙ୍କୁ ଅସ୍ଥାୟୀ ଆଶ୍ରୟ ଗୃହରୁ ଉଦ୍ଧାର କରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପାଖରେ ହାଜର କରାଇଥିଲେ । ସଚିବ ଶ୍ରୀ ନାୟକ ସମସ୍ତ ବିଷୟ ବୁଝି ବୃଦ୍ଧାଙ୍କୁ ଉଦ୍ଧାରକର୍ତ୍ତା ଟିମ୍‌ଙ୍କ ଜରିଆରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପ୍ରେରଣ କରି ଯଥାଶୀଘ୍ର ବୃଦ୍ଧା ମହିଳାଙ୍କ ଥଇଥାନ କରି ତାଙ୍କ ଆଶୁ ଚିକିତ୍ସା ସକାଶେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଆଦେଶ ଦେଇଛନ୍ତି । ଏହା ସହିତ ବୃଦ୍ଧାର ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ରିପୋର୍ଟ ପ୍ରଦାନ କରିବା ପାଇଁ ମଧ୍ୟ କହିଛନ୍ତି । ଥଇଥାନ ହୋଇ ଚିକିତ୍ସା ପାଇଲା ପରେ ବୃଦ୍ଧୀ ରଜନୀ ପଣ୍ଡା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ତାଙ୍କ ଭରଣ ପୋଷଣ ଓ ଅନ୍ୟାନ୍ୟ ଭତା ପାଇବାର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ଆଇନ ସେବା ପ୍ରାଧିକରଣ ତରଫରୁ ଜଣାଯାଇଛି । ପ୍ରକାଶ ଥାଉ କି ଜିଲ୍ଲା ଆଇନ ସେବା ପ୍ରାଧିକରକଣ ଦ୍ୱାରା ପୂର୍ବରୁ ମଧ୍ୟ ବହୁ ଅସହାୟ ବରିଷ୍ଠ ନାଗରିକ, ଶିଶୁ ଓ ଅନ୍ୟମାନେ ଉଦ୍ଧାର ହୋଇ ଥଇଥାନ ହୋଇପାରିଛନ୍ତି ।

## ଅବହେଳିତ ଆନନ୍ଦପୁର ଡାକ୍ତରଖାନା

କେନ୍ଦୁଝର:(ପି.ଏନ୍.): ପ୍ରଶାସନିକ ଅଣଦେଖା ଓ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ବିଭିନ୍ନ କ୍ଷେତ୍ରରେ ଅବେହଳିତ ହୋଇ ପଡିଛି । ଆନନ୍ଦପୁର ଅଂଚଳରେ ଜନସଂଖ୍ୟା ଓ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଡାକ୍ତର ଓ କର୍ମଚାରୀଙ୍କ ପଦବୀ ବୃଦ୍ଧି ହେଉନାହିଁ । ଅନେକ ବିଭାଗରେ ଡାକ୍ତର ଓ କର୍ମଚାରୀଙ୍କ ପଦବୀ ଦୀର୍ଘଦିନ ହେବ ପୂରଣ ହୋଇପାରୁନି । ୯ ପଦବୀରେ ଡାକ୍ତର ନଥିବା ଜଣାପଡିଛି । ଏହି ଚିକିତ୍ସାଳୟକୁ ଭଗବାନ ଭରସା ବୋଲି ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । କେନ୍ଦୁଝର ଜିଲ୍ଲାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ୪ଟି ଜିଲ୍ଲାର ସୀମାନ୍ତବର୍ତ୍ତି ଅଧିବାସୀ ନିର୍ଭର କରୁଥିବା ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ସ୍କାନିଂ ମେସିନ୍ ନଥିବାରୁ ପ୍ରତିଦିନ ରୋଗୀମାନେ କଟକ, ଭଦ୍ରକ, ଯାଜପୁର ଅଂଚଳକୁ ଯାଇ ଦୁର୍ଦ୍ଦଶା ଭୋଗ କରୁଥଇବାରୁ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ୨୦ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ରୋଗୀମାନେ ବିଶେଷ ଅସୁବିଧା ଭୋଗ କରୁଛନ୍ତି । କେନ୍ଦୁଝର, ମୟୁରଭ, ଯାଜପୁର ଓ ଭଦ୍ରକ ଜିଲ୍ଲାର କେନ୍ଦ୍ରସ୍ଥଳୀରେ ଥିବା ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ପ୍ରତ୍ୟେହ ୪୫୦ରୁ ଉର୍ଦ୍ଧ୍ୱ ରୋଗୀ ଆସୁଥିବା ବେଳେ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ରୋଗୀ ଏଠାରେ ବିଭିନ୍ନ ୱାର୍ଡରେ ରହୁଥିବା ଏକ ବେସରକାରୀ ସୂତ୍ରରୁ ଜଣାପଡିଛି । ପ୍ରାୟ ୩୫ ବର୍ଷ ପୂର୍ବେ ଅର୍ଥାତ୍ ୧୯୮୫ ମସିହା ସରକାରୀ ବ୍ୟବସ୍ଥାରେ ରହି ଆସୁଥିବା ଏହି ଡାକ୍ତରଖାନାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭଳି ବ୍ୟବସ୍ଥା ରହିବାର ଆବଶ୍ୟକତା ଥିଲେ ମଧ୍ୟ ସରକାରୀ ଅବହେଳାର ଶିକାର ହୋଇଛି । ସ୍ୱାସ୍ଥ୍ୟ ସେବା ରାଜ୍ୟ ସରକାରଙ୍କ କ୍ଷେତ୍ରରେ ବିବିଧା ଯୋଜନା ଘୋଷଣା କରାଯାଇଥିଲେ ମଧ୍ୟ ଆନୁଷଙ୍ଗିକ ମେସିନ୍ ଓ ଅପରେଟରର ବ୍ୟବସ୍ଥା ହୋଇ ନଥିବାରୁ ରୋଗୀମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଥିବା ଅଭିଯୋଗ ହୋଇଛି । ବିଭିନ୍ନ କ୍ଷେତ୍ରରେ ରହିଥିବା ଅଭାବ ଓ ଆବଶ୍ୟକତାକୁ ପୂରଣ କରିବା ପାଇଁ ଜିଲ୍ଲା ଖଣିଜ ପାଣ୍ଠି ଗଠନ କରାଯାଇଛି । ଯେଉଁଥିରେ କୋଟି କୋଟି ଟଙ୍କାର ରାଜସ୍ୱ ଗଚ୍ଛିତ ରହିଛି । ହେଲେ ସାଧାରଣ ଲୋକଙ୍କ ଜୀବନ ରକ୍ଷା ପାଇଁ ଆବଶ୍ୟକତା ପୂରଣ ହୋଇପାରୁ ନଥିବା ଅତ୍ୟନ୍ତ ପରିତାପର ବିଷୟ ।

## ଉତରପ୍ରଦେଶ ହାତରସ ଘଟଣା ପାଇଁ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

କନ୍ଧମାଳ,(ପିଏନ)- ପ୍ରଦେଶ ଯୁବ କଂଗ୍ରେସ କନ୍ଧମାଳ ଜିଲ୍ଲା ଶାଖା ପକ୍ଷରୁ ଆଜି ଫୁଲବାଣୀରେ ଉତରପ୍ରଦେଶ ହାତରସରେ ହୋଇଥିବା ଜଣେ ଯୁବତୀଙ୍କୁ ନିର୍ମମ ଭାବରେ ବଳାତ୍କାର ପରେ ତାଙ୍କୁ ହତ୍ୟା କରାଯାଇଛି । ମଧ୍ୟରାତ୍ରରେ ତାଙ୍କୁ ମୃତ ଘୋଷଣା କରିବାପରେ ତାଙ୍କ ଶବକୁ ଉତରପ୍ରଦେଶ ପୁଲିସ ତାଙ୍କ ପରିବାରକୁ ହସ୍ତାନ୍ତର ନ କରି ପ୍ରଶାସନ ଶବକୁ ପୋଡିଦେଇଥିବା ଘଟଣାକୁ ବିରୋଧ କରାଯାଇଛି । ସେଥିପାଇଁ ଆଜି ସଂନ୍ଧ୍ୟାରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢୀଙ୍କ ନେତୃତ୍ୱରେ ସ୍ଥାନୀୟ ମାଦିକୁନ୍ଦା ଛକଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସ୍ଥାନୀୟ ବିଜୁପଟ୍ଟନାୟକ ଛକଠାରେ ପହଂଚିଥିଲା । ଏଥିରେ ପୁର୍ବତନ ସାଂସଦ ରାଧାକାନ୍ତ ଦିଗାଲ,ପୁର୍ବତନ ବିଧାୟକ ଅଭିମନ୍ୟୁ ବେହେରାଙ୍କ ସମେତ ଜିଲ୍ଲା କଂଗ୍ରେସର ଘନକୁମାର ଶବର,ହେମନ୍ତ କର,ସଂସାର ଭୋଇ,ଦୁର୍ଯ୍ୟୋଧନ ପଟ୍ଟନାୟକ,ସଞ୍ଜୟ ଭଞ୍ଜ,ବଳଦେବ ବେହେରା,ଅଶୋକ ସାସିନି,ନନ୍ଦକିଶୋର ଦାସ,ଶିବଶଙ୍କର ବେହେରା, ମନିଶ ବେହେରାଙ୍କ ସମେତ ଅନ୍ୟମାନେ ଯୋଗ ଦେଇ ପୀଡିତାଙ୍କ ତୈଳଚିତ୍ର ଆଗରେ କ୍ୟାଣ୍ଡେଲ ଜାଳି ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ସରକାରଙ୍କର ଦ୍ୱାରା କରାଯାଇଥିବା ଏହି କାର୍ଯ୍ୟ ହିନ୍ଦୁ ଧର୍ମର ବିରୋଧ ଓ ଅସମ୍ମାନ ବୋଲି ଦଳର ପୁରୁଣା ନେତା ମାନେ କହିଛନ୍ତି । ଉତରପ୍ରଦେଶ ସରକାରଙ୍କ ଏହି କାର୍ଯ୍ୟକୁ ବିରୋଧ କରାଯିବା ସହିତ ସେଠାରେ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଆଦିତ୍ୟ ଯୋଗୀଙ୍କ କୁଶପୁତଳିକା ଦାହ କରାଯାଇଥିଲା ।

## ନୂଆ କୋଭିଡ଼ ଆକ୍ରାନ୍ତ ୬୧, ମୃତ୍ୟୁ ସଂଖ୍ୟାରେ ଆଉ ୧ ବୃଦ୍ଧି

ଭଦ୍ରକ,(ପିଏନ)- ଜିଲ୍ଲାରୁ ନୂଆ କରୋନା ଆକ୍ରାନ୍ତ ୬୧ଜଣ ଚିହ୍ନଟ ହୋଇଥିବା ବେଳେ ଆଉ ଜଣେ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟାରେ ଆଉ ୧୧୪ ବୃଦ୍ଧି ପାଇଛି । ଜିଲ୍ଲାର ମୋଟ ୮୬ ହଜାର ୪୭୦ ନମୁନା ପରୀକ୍ଷା ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୫୩୧୭ । ମୋଟ ସୁସ୍ଥ ହୋଇଛନ୍ତି ୪୪୮୨ । ସେହିଭଳି ମୃତ୍ୟୁ ସଂଖ୍ୟା ଗତକାଲି ୧୩ ଥିବା ବେଳେ ଏଥିରେ ଆଉ ୧ ବୃଦ୍ଧି ହୋଇ ମୋଟ ମୃତ୍ୟୁ ସଂଖ୍ୟା ହୋଇଛି ୧୪ । ସେହିଭଳି ମୋଟ ଆକ୍ଟିଭ ଆକ୍ରାନ୍ତ ଅଛନ୍ତି ୮୨୧ଜଣ । ଚିହ୍ନଟ ୬୧ ଆକ୍ରାନ୍ତଙ୍କ ମଧ୍ୟରୁ ଭଦ୍ରକ ବ୍ଲକରୁ ୧୩ଜଣ, ଭଦ୍ରକ ପୌରପାଳିକାରୁ ୯, ବାସୁଦେବପୁରରୁ ୧୨, ଚାନ୍ଦବାଲିରୁ ୬, ଧାମନଗରରୁ ୯, ଭଣ୍ଡାରିପୋଖରୀରୁ ୫, ବନ୍ତ ବ୍ଲକରୁ ୩, ତିହିଡି ବ୍ଲକରୁ ୨ ଏବଂ ଅନ୍ୟ ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।




Bhubaneswar Saturday August 14, 2021 ଭୁବନେଶ୍ୱର ଶନିବାର, ଅଗଷ୍ଟ ୧୪,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ରାଜ୍ୟ ସରକାର ମାଳ ମାଳ ଯୋଜନା କରୁଛନ୍ତି କିନ୍ତୁ ଯୋଜନା କେତେ କାର୍ଯ୍ୟକାରୀ ହେଉଛି

ଭୁବନେଶ୍ୱର : ରାଜ୍ୟ ସରକାର ଓଡ଼ିଶାର ସମସ୍ତ ମହାନଗର ପୌରପରିଷଦ ତଥା ଏନଏସିରେ ଥିବା ୨୫୧୯ ବସ୍ତିରେ ଥିବା ଗରୀବ ଲୋକଙ୍କୁ ବାସପୋଯୋଗୀ ଜମି ଯୋଗାଇବା ପାଇଁ ଏକ ଆଇନ ପ୍ରଣୟନ କଲେ। ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ୨୦୧୮ ମସିହା ମେ ମାସରେ ଯାଗା ମିଶନ ଶୁଭାରମ୍ଭ ହେଲା। ଏହି ଯୋଜନା ସମସ୍ତ ବସ୍ତିର ରାସ୍ତା ଆଲୋକିକରଣ, ବିଶୁଦ୍ଧ ପାନୀୟଜଳ ଯୋଗାଣ, ଉଦ୍ୟାନ ଏବଂ ଗୋଷ୍ଠୀ କେନ୍ଦ୍ର କରାଯିବା ସହିତ ବାସପୋଯୋଗୀ ଗୃହ ଯୋଗାଇବା ସହିତ ସହରାଂଚଳରେ ଆଉ ଅଧିକ ବସ୍ତି ବୃଦ୍ଧିକୁ ରୋକିବା ଏବଂ ବସ୍ତି ଅଂଚଳର ସଂପୂର୍ଣ୍ଣ ବିକାଶ ଏହାର ବଦାନ୍ୟ ଅନୁଷ୍ଠାନ ସହିତ ଜଡ଼ିତ ହେଲେ। କିନ୍ତୁ ଏପର୍ଯ୍ୟନ୍ତ ରାଜ୍ୟ ସରକାର ୬୦ ହଜାର ପରିବାରଙ୍କୁ ଜମି ଅଧିକାରର ସାର୍ଟିଫିକେଟ ପ୍ରଦାନ କରିଛନ୍ତି (ଏଲ ଆରସି) କିନ୍ତୁ ୨୦୨୨ ପୁରିବାକୁ ମାତ୍ର ୧ ବର୍ଷ ପାଖାପାଖି ବାକି ରହିଲା। କିନ୍ତୁ ୧ଲକ୍ଷ ୫ ହଜାର ପରିବାରକୁ ବର୍ତମାନ ସୁଦ୍ଧା ବସ୍ତି ଅଂଚଳର ଜମିର ପଟ୍ଟା ଦାନ କରାଯାଇ ନାହିଁ। ଏହା କେବେ ସରିବ? ଆଉ କେତେବର୍ଷ ଲାଗିବ ଏହି ପରିବାରକୁ ଯାଗା ପ୍ରଦାନ କରିବାରେ। ଯାଗା ମିଶନ ତିନୋଟି ପର୍ଯ୍ୟାୟଭୁକ୍ତ ଥିଲା ପ୍ରଥମ ପର୍ଯ୍ୟାୟରେ ଜମି ଚିହ୍ନଟ ଓ ହସ୍ତାନ୍ତର। ଦ୍ୱିତୀୟ ପର୍ଯ୍ୟାୟଟି ବସ୍ତି ଅଂଚଳର ଆଲୋକିକରଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଗୃହ ଯୋଗାଇବା କଥା। ତୃତୀୟ ପର୍ଯ୍ୟାୟରେ ବସ୍ତି ଅଂଚଳର ପର୍ଯ୍ୟନ୍ତ ମାତ୍ର ୧୯% ଅଂଚଳରେ ସଂପୂର୍ଣ୍ଣ ଆଲୋକିକରଣ କରାଯାଇଛି। ବାକିତକ ଅଂଚଳରେ ଆଲୋକିକରଣ କରାଯାଇ ନାହିଁ ଏହା କେବେ କରାଯିବ। ରାଜ୍ୟ ସରକାର କେବଳ ପ୍ରତିଶ୍ରୁତି ଏବଂ ପ୍ରତାରଣା କରିବାଛଡ଼ା କୌଣସି ଏକ ଯୋଜନାକୁ ନିଷ୍ଠାର ସହିତ କାର୍ଯ୍ୟକାରି କରିବାରେ ନଜିର ନାହିଁ। ସମସ୍ତ ଯୋଜନା କେବଳ ଭୋଟ ସର୍ବସ୍ୱ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ୨୦୦୫ ମସିହାରେ କଂଗ୍ରେସ ଉପା-୧ ସରକାରଙ୍କ ସମୟରେ ସହରାଂଚଳରେ ବସ୍ତିବାସିନ୍ଦାଙ୍କ ଉନ୍ନତି ଏବଂ ତାଙ୍କୁ ବାସପୋଯୋଗୀ ଗୃହ ସହିତ ଉପରୋକ୍ତ ସମସ୍ତ ସୁବିଧା ନେବା ପାଇଁ ଯୋଜନା କରାଯାଇଥିଲା। ଏହି ଯୋଜନା ମାଧ୍ୟମରେ ରାଜ୍ୟସରକାର ସହରାଂଚଳରେ ଥିବା ବସ୍ତି




ମୂଳଲକ୍ଷ ଥିଲା। ଢ଼ାଂଚାଗତ ପରିବର୍ତନ କରାଯିବ ବୋଲି ରାଜ୍ୟସରକାର ଓଡ଼ିଶାର ୧୮ଲକ୍ଷ ଗରୀବ ବସ୍ତିବାସିନ୍ଦାଙ୍କୁ ପ୍ରତିଶ୍ରୁତି ଦେଲେ। ଏହି ଯାଗା ମିଶନ ଯୋଜନାରେ ୨୦୨୨ ମସିହା ସୁଦ୍ଧା ରାଜ୍ୟର ୧୧୪ ଟି ଅର୍ବାନ ଲୋକାଲ ବଡିଜରେ ଥିବା ସମସ୍ତ ଗରୀବ ଲୋକଙ୍କ ଗୃହ ଯୋଗାଇବା ସହିତ ବିଶୁଦ୍ଧ ପାଣି, ରାସ୍ତା, କମ୍ୟୁନିଟି ସେଂଟର, ପାର୍କ ଏବଂ ଆଲୋକିକରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଯାଗା ମିଶନ ଜରିଆରେ ୨୦୧୧ ମସିହା ଜନଗଣନା ଭିର୍ତିରେ ୧ଲକ୍ଷ ୬୫ ହଜାର ପରିବାରଙ୍କୁ ଏହି ସହାୟତା ପ୍ରଦାନ କରାଯିବା କଥା। କିନ୍ତୁ ୨୦୧୮ ମସିହା ମେ ମାସରେ ଟାଟା ଟ୍ରଷ୍ଟ ଓ ନର୍ମାନ ପୋଷ୍ଟର ଭଳି ଦୁଇଟି ସ୍ୱେଚ୍ଛାସେବୀ ବା ଯୁବକଯୁବତୀ ମାନଙ୍କର ଦକ୍ଷତା ବିକାଶ କରିବା ସହିତ ସେମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବି କରିବା ଓ ମୁଖ୍ୟ ସ୍ରୋତରେ ସାମିଲି କରିବା ଉଦ୍ଦେଶ୍ୟ। କିନ୍ତୁ ଦୁଃଖର କଥା ଏପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦ୍ୱାର ଦିଆଯାଇଥିବା ତଥ୍ୟ ଅନୁସାରେ ରାଜ୍ୟରେ ସମସ୍ତ ସହରାଂଚଳର ବସ୍ତିବାସିନ୍ଦା ମାନେ ରହୁଥିବା ବସ୍ତିର ଆଲୋକିକରଣ କରାଯାଇ ନାହିଁ। ସମସ୍ତଙ୍କ ଘରକୁ ବିଶୁଦ୍ଧ ଜଳ ମଧ୍ୟ ଯୋଗାଇ ଦିଆଯାଇ ନାହିଁ ବୋଲି ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ ମହାନ୍ତି ଅଭିଯୋଗ କରିଛନ୍ତି। ବାସଗୃହ କଥା ଛାଡ଼ନ୍ତୁ। ଭୁବନେଶ୍ୱର ମହାନଗର ଉପକଣ୍ଠରେ ବହୁ ବସ୍ତିକୁ ଆଜି ମଧ୍ୟ ଏକ ପିଚୁ ରାସ୍ତା ନାହିଁ। ଏବେ ଅଂଚଳରେ କ'ଣ ବିକାଶ କରିଥିଲେ। ୨୦୧୧ ମସିହାରେ ରାଜୀବ ଅବାସ ଯୋଜନା ମାଧ୍ୟମରେ ସହରାଂଚଳରେ ବସ୍ତିବାସିନ୍ଦାଙ୍କର କ'ଣ ବିକାଶ ହୋଇଥିଲା। ଯଦି ସହରାଂଚଳର ବସ୍ତିବାସିନ୍ଦାଙ୍କ ପାଇଁ ଏସବୁ କେନ୍ଦ୍ରୀୟ ଯୋଜନା ରାଜ୍ୟ ସରକାର ନିଜେ ପ୍ରଣୟନ କରୁଥିଲେ ତାହେଲେ କାହିଁକି ଆଉ ଏକ ନୂଆ ଯୋଜନା କରାଗଲା। ଏହି ନୂଆ ଯୋଜନା କରାଯିବାର ଉଦ୍ଦେଶ୍ୟ କଣ କେବଳ ୧୮ଲକ୍ଷ ବସ୍ତି ବାସିନ୍ଦାଙ୍କୁ ମିଛ ପ୍ରତିଶ୍ରୁତି ଦେଇ ତାଙ୍କ ଭୋଟ ହାତେଇବା ନା ତାଙ୍କୁ ଜମି ପ୍ରଦାନ କରିବା ଓ ଗୃହ ମଧ୍ୟ ପ୍ରଦାନ କରିବା। ଏଥିରୁ ସ୍ପଷ୍ଟ ଅନୁମେୟ ରାଜ୍ୟ ସରକାରଙ୍କର ରାଜ୍ୟର ଗରୀବ ଜନସାଧାରଣ ଏପରିକି ସହରାଂଚଳରେ ବସ୍ତିମାନଙ୍କରେ ରହୁଥିବା ଗରୀବ ଲୋକମାନଙ୍କର ବିକାଶ ପ୍ରତି ନିଷ୍ଠା ନାହିଁ। ରାଜ୍ୟରେ ଏପର୍ଯ୍ୟନ୍ତ ସମସ୍ତ ୧୧୪ଟି ଅର୍ବାନ ଲୋକାଲ ବଡିଜରେ ଥିବା ୨୫୧୯ଟି ବସ୍ତି ମଧ୍ୟରୁ ମାତ୍ର ୧୯% ବସ୍ତିରେ ସଂପୂର୍ଣ୍ଣ ଆଲୋକିକରଣ କରାଯାଇଛି। ମୋଦି ସରକାର ପୂର୍ବ ସରକାରଙ୍କ ଯୋଜନାର ନାମ ପରିବର୍ତନ କରିବାରେ ବ୍ୟସ୍ତ ଥିଲାବେଳେ ଏଠି ରାଜ୍ୟ ସରକାର ପ୍ରତିଦିନ ନୂଆ ଯୋଜନା ବନାନ୍ତି। ଏସବୁ ହୋଇଥିଲା ତାହେଲେ ଆବଶ୍ୟକତା କାହିଁକି ପଡ଼ିଲା। କଂଗ୍ରେସ ସରକାର ସମୟରେ ରାଜୀବ ଗାନ୍ଧୀ ଆବାସ ଯୋଜନାର ନାମ ପରିବର୍ତନ ହୋଇ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ହୋଇଯାଇଛି ଏବଂ ଔଘଘଟଜଗ ନାମ ପରିବର୍ତନ ହୋଇ ଅମୃତ ଯୋଜନା କେବଳ ହୋଇଯାଇଛି। କେବଳ ନୂଆ ଯୋଜନା କରିବା ଏବଂ ପୁରୁଣା ଯୋଜନାର ନାମ ପରିବର୍ତନ କରିଦେଲେ କ'ଣ ବିକାଶ ହୋଇଯିବ। ଠିକ ସେହିଭଳି ଭାବରେ ୩୧୪ ବ୍ଲକ ମଧ୍ୟରୁ ୧୨୭ ବ୍ଲକରେ ୨୦୦୦ ମସିହା ସୁଦ୍ଧା ୩୭% ଜଳସେଚନର ସୁବିଧା ହୋଇଯାଇଥିଲା ବା ବ୍ୟବସ୍ଥା ହୋଇଥିଲା। ନବୀନ ସରକାର ୨୦୦୫ ମସିହାରେ ଘୋଷଣା କରିଥିଲେ ଯେ ରାଜ୍ୟର ସମସ୍ତ ବ୍ଲକରେ ୩୫% ରୁ ଅଧିକ ଜଳସେଚନର ବ୍ୟବସ୍ଥା ୨୦୧୦ ମସିହା ସୁଦ୍ଧା ସଂପୂର୍ଣ୍ଣ ହେବ। କିନ୍ତୁ ଆଜି ସୁଦ୍ଧା ପାଖାପାଖି ୭୬ଟି ବ୍ଲକରେ ୩୫% ଜଳସେଚନ ସୁବିଧା ହୋଇପାରିନାହିଁ। ସାରା ରାଜ୍ୟରେ କୃଷକମାନେ ଅନାବୃଷ୍ଟି ହେତୁ ଚାଷ କରିପାରୁ ନାହାନ୍ତି। ଜଳସେଚନର ସୁବିଧାଥିଲେ ଏଭଳି ଏକ ସମସ୍ୟାକୁ ମୁକାବିଲା କରାଯାଇପାରିଥାନ୍ତା। କିନ୍ତୁ ରାଜ୍ୟ ସରକାର ନିଷ୍ଠାର ଅଭାବ ହେତୁ କୌଣସି ଏକ ଯୋଜନା ସଂପୂର୍ଣ୍ଣ ରୂପେ ରୂପାୟନ କରାଯାଇ ନାହିଁ ଏବଂ ତାହାର ଫଳ ମଧ୍ୟ ରାଜ୍ୟବାସୀଙ୍କୁ ମିଳିଲା ନାହିଁ। ଆଉ କେତେବର୍ଷ ଗଲାପରେ ରାଜ୍ୟର ସମସ୍ତ ବ୍ଲକରେ ୩୫% ଜଳସେଚନର ସୁବିଧା ହେବ ବୋଲି ଶ୍ରୀ ମହାନ୍ତି କହିଥିଲେ। ୨୧ ବର୍ଷର ସରକାର ୨୧ଟି ଯୋଜନା ମଧ୍ୟ ସଂପୂର୍ଣ୍ଣ କାର୍ଯ୍ୟକାରି କରିନାହାନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଜ ଦାଶ, ଅମିୟ ପାଣ୍ଡବ ଏବଂ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# ଆବାସ ଯୋଜନାରୁ ବଂଚିତ ଦମ୍ପତି



ରଣପୁର (ପି.ଏନ) କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକଙ୍କ ପାଇଁ ବିଜୁ ପକ୍କା ଘର ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଣୟନ କରୁଛନ୍ତି । କିନ୍ତୁ କିଛି ଅସାଧୁ ଜନ ପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ଲାଭଖୋର ମନବୃତି ପାଇଁ ଯୋଜାନା ଯୋଜନାରେ ହିଁ ରହିଯାଉଛି । ଯୋଗ୍ୟ ହିତାଧିକାରୀ ଯୋଜନାରୁ ବଂଚିତ ହେଉଛନ୍ତି । ଏପରି ଏକ ଘଟଣା ଦେଖିବାକୁ ମିଳିଛି ନୟାଗଡ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ କେରଣ୍ଡାଟାଙ୍ଗୀ ପଂଚାୟତର ବୃନ୍ଦାବନବିହାରୀପୁର ଗାଁରେ । ଏହି ଗ୍ରାମର ୪୮ ବର୍ଷୀୟ ହରିବନ୍ଧୁ ବେହେରା ଦୀର୍ଘ ଦିନହେବ ଘରଖଣ୍ଡେ ପାଇଁ ପଂଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିଥିଲେବି ଆଜି ପଯ୍ୟନ୍ତ ଘର ଖଣ୍ଡେ ମିଳିପାରିଲା ନାହିଁ । ହରିବନ୍ଧୁ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ଭଙ୍ଗା ଘରେ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ତୁରନ୍ତ ହରିବନ୍ଧୁ ବେହେରାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାପାଇଁ ନୟାଗଡ ଭାରତୀୟ ଜନତା ପାର୍ଟିର ସମ୍ପାଦକ ତାପସ ରଂଜନ ମାର୍ଥା ବ୍ଲକ ପ୍ରଶାସନ ନିକଟରେ ଦାବି ରଖିଛନ୍ତି ।

# କେନ୍ଦ୍ରାପଡା ପଞ୍ଚାୟତ ସମିତି ଅଷ୍ଟମ ସାଧାରଣ ବୈଠକ : ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ



କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ବୈଠକ ସମିତି ଅଧ୍ୟକ୍ଷ ଶିବ ପ୍ରସାଦ ଭଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟସ୍ଥିତ ବିଜୁ ପଟ୍ଟାସନାୟକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳସେଚନ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣନିଶ୍ଚିତ କର୍ମନିଯୁକ୍ତି ଯୋଜନା(ମନରେଗା) କାର୍ଯ୍ୟକୁ ନେଇ ସଭ୍ୟସଭ୍ୟାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଗୃହିତ ହୋଇଥିଲା । ଅଧ୍ୟକ୍ଷ ଶ୍ରୀ ଭଳଙ୍କ ଅନୁମତି କ୍ରମେ ଏଜେଣ୍ଡା ଅନୁଯାଇ ଆଲୋଚନା ଆରମ୍ଭ ହୋଇଥିଲା। ପ୍ରଥମେ ପୂର୍ବ ବୈଠକର ବିବରଣୀ ବୈଠକରେ ଅନୁମୋଦନ କରାଯିବା ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରି ହୋଇ ନପାରିବାକୁ ନେଇ ସଦସ୍ୟମାନେ ହୋହାଲା କରିଥିଲେ । ଯେଉଁ ହିତାଧିକାରୀଙ୍କ ନାମ ଅର୍ଥନୈତିକ ସର୍ଭେରେ ମନୋନିତ କରାଯାଇଛି ସେମାନେ ଅଯୋଗ୍ୟ ହୋଇଥିବାରୁ ଏହା କାର୍ଯ୍ୟକାରୀ ହୋଇ ପାରୁନାହିଁ ବୋଲି ସଦସ୍ୟମାନେ ଅଭିଯୋଗ କରିଥିଲେ। ପ୍ରକୃତ ହିତାଧିକାରୀ ଥିଲେ ମଧ୍ୟ ଚୟନ କରାଯାଇନାହିଁ ବୋଲି କହିଥିଲେ । ପୁନରାୟ ଏମାନଙ୍କ ସ୍ଥିତି ସର୍ଭେକରି ହିତାଧିକାରୀ ଚୟନ କରାଯିବ ବୋଲି ବିଧାୟକ ଓ ଅଧ୍ୟକ୍ଷ ପ୍ରତିଶୃତି ଦେଇଥିଲେ । ଗୋବରୀ କେନାଲ ତଳମୁଣ୍ଡକୁ ପାଣି ଜାଉନଥିବାରୁ ଓସ୍ତପୁର, କଂସାର, ପୁରୁଷୋତ୍ତମପୁର ଓ ଆୟବା ପଞ୍ଚାୟତରେ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ତୁରନ୍ତ ଜଳ ଯୋଗାଇଦେବାକୁ ଗୃହରେ ସଦସ୍ୟମାନେ ଦାବି କରିଥିଲେ । ସେହିପରି ପଟ୍ଟାମୁଣ୍ଡାଇ କେନାଲର ଶାଖା କେନାଲରେ ତଳମୁଣ୍ଡକୁ ପାଣି ପହଁଚୁ ନଥିବାରୁ କପାଳେଶ୍ୱର, ବାରୋ,କୋରୋ ପଞ୍ଚାୟତରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଯଥେଷ୍ଟ ବର୍ଷା ହେଉନଥିବାରୁ ପର୍ଯ୍ୟାୟ କ୍ରମେ ଉଭୟ କେନାଲରେ ପାଣି ଯୋଗାଇ ଦିଆଯାଉଛି। ଏହି ସମସ୍ୟାର ସମାଧାନ ହେବା ସହିତ ଧୂମାତ ପାଟରୁ ଜଳ ନିଷ୍କାସନ କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ବିଧାୟକ ଶ୍ରୀ ବେହେରା କହିଥିଲେ । କେନ୍ଦ୍ରାପଡା ସହରସ୍ଥ ଗୋବରୀ କେନାଲ ପାର୍ଶ୍ୱରେ ଏକ ନାଳି ଖୁବଶୀଘ୍ର ଖୋଲାଯିବା ପାଇଁ ସମସ୍ତ କାର୍ଯ୍ୟ ଶେଷ ଅବସ୍ଥାରେ ପହଁଚିଛି ବୋଲି ସେ କହିଥିଲେ । ମନରେଗା ଯୋଜନାର ନୀତି ନିୟମ ଅନୁଯାଇ ଅଧିକ କାର୍ଯ୍ୟ ହୋଇପାରୁନାହିଁ। ଯେଉଁ କାର୍ଯ୍ୟ ହୋଇଛି ତାହାର ଦେୟ ହିତାଧିକାରୀଙ୍କୁ ଦିଆଯାଇନାହିଁ ବୋଲି ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏସମ୍ପର୍କରେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରାଯାଇ ଯୋଜନାକୁ ସଫଳ କରିବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ଅଧ୍ୟକ୍ଷ କହିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ବ୍ଲକ ପ୍ରଶାସନକୁ ସହଯୋଗ କରୁନାହାନ୍ତି ବୋଲି ଅଭିଯୋଗ ଆସିଥିଲା। ଚକ୍ରୋଡା ସମତିସଭ୍ୟ ଶିବ ପ୍ରସାଦ ବିଶ୍ୱାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ କରିଥିବା ବେଳେ ଏହାକୁ ସର୍ବସମ୍ମତିକ୍ରମେ ସଦସ୍ୟମାନେ ସମର୍ଥନ ଜଣାଇଥିଲେ । ଏଥିସହିତ ଅନ୍ୟାନ୍ୟ ଏଜେଣ୍ଡା ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ସମତି ଉପାଧ୍ୟକ୍ଷା ସ୍ନେହଲତା ପ୍ରଧାନ, ବିଡିଓ ଅଶ୍ୱିନୀ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ଜେନା, ନରହରି ପାଣି, ଗଗନବିହାରୀ ସାହୁ, ଧରଣୀଧର ଦାସ, ହେମନ୍ତ ବିଶ୍ୱାଳ, ଗାୟତ୍ରୀ ମହାନ୍ତି, ସୀତାସୁନ୍ଦରୀ ମଲ୍ଲିକ, ବସନ୍ତ କୁମାର ରାଉତ, ମମତାରାଣୀ ଧଳ, ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray